# ପ୍ରକରଣ-୧

ସଂସ୍ଥା,ଏହାର କାର୍ଯ୍ୟାବଳୀ ଓ ଦାୟିତ୍ଵ ସମ୍ପର୍କିତ ତଥ୍ୟ

(ସେକ୍ସନ-୪(୧) (ବି) (୧)

ଟିପି ଦକ୍ଷିଣ ଓଡିଶା ବିତରଣ ଲିମିଟେଡ ( ଟିପିଏସ୍ଓଡିଏଲ୍ ) ସମ୍ପର୍କିତ ସୂଚନା

ଟିପି ଦକ୍ଷିଣ ଓଡିଶା ବିତରଣ ଲିମିଟେଡ ( ଟିପିଏସ୍ଓଡିଏଲ୍ ) ଟାଟା ପାୱାର ଏବଂ ଓଡିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଅଟେ । ଯେଉଁଥିରେ ଟାଟା ପାୱାରର ୫୧ ପ୍ରତିଶତ ଅଂଶଧନ ରହିଛି। ଟିପିଏସ୍ଓଡିଏଲ୍ ୪୮,୭୫୧ ବର୍ଗ କିମି ପରିବ୍ୟାପ୍ତ ବ୍ୟାପକ ଅଞ୍ଚଳରେ ୨୨.୭୧ ଲକ୍ଷ ଉପଭୋକ୍ତାଙ୍କ ସହ ୯୪.୩୮ଲକ୍ଷ ଜନସାଧାରଣଙ୍କୁ ବିଦ୍ୟୁତ ସେବା ଯୋଗାଉଛି ( ୩୧.୦୩.୨୦୨୪ ସୁଦ୍ଧା )।

ଓଡିଶାର ୮ଟି ଜିଲ୍ଲା ଯଥା ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, ରାୟଗଡା, କୋରାପୁଟ, ନବରଙ୍ଗପୁର, ମାଲକାନଗିରିରେ ବିଦ୍ୟୁତ ବିତରଣ ଓ ରିଟେଲ ଯୋଗାଣର ଦାୟିତ୍ଵ ଟିପିଏସ୍ଓଡିଏଲ୍ ବହନ କରୁଛି। କମ୍ପାନୀ ଅଧୀନରେ ୧୩୫ଟି ସେକ୍ସନ, ୫୧ଟି ସବ୍-ଡିଭିଜନ, ୧୯ଟି ଡିଭିଜନ, ୬ଟି ସର୍କଲ ଏବଂ ଗୋଟିଏ କର୍ପୋରେଟ ଅଫିସ ରହିଛି।

୧. ସିଟି ସର୍କଲ,ବ୍ରହ୍ମପୁର : ବ୍ରହ୍ମପୁର ଇଲେକ୍ଟ୍ରିକାଲ ଡିଭିଜନ-୧, ବ୍ରହ୍ମପୁର ଇଲେକ୍ଟ୍ରିକାଲ ଡିଭିଜନ-୨, ଏବଂ ବ୍ରହ୍ମପୁର ଇଲେକ୍ଟ୍ରିକାଲ ଡିଭିଜନ-୩

୨. ବ୍ରହ୍ମପୁର ଇଲେକ୍ଟ୍ରିକାଲ ସର୍କଲ : ଗଞ୍ଜାମ ନର୍ଥ ଇଲେକ୍ଟ୍ରିକାଲ ଡିଭିଜନ, ପୁରୁଷୋତ୍ତମପୁର ଇଲେକ୍ଟ୍ରିକାଲ ଡିଭିଜନ ଏବଂ ହିଞ୍ଜିଳିକାଟୁ ଇଲେକ୍ଟ୍ରିକାଲ ଡିଭିଜନ

୩. ଆସିକା ଇଲେକ୍ଟ୍ରିକାଲ ସର୍କଲ : ଗଞ୍ଜାମ ସାଉଥ ଇଲେକ୍ଟ୍ରିକାଲ ଡିଭିଜନ, ଆସିକା ଇଲେକ୍ଟ୍ରିକାଲ ଡିଭିଜନ-୧, ଆସିକା ଇଲେକ୍ଟ୍ରିକାଲ ଡିଭିଜନ-୨

୪. ଭଞ୍ଜନଗର ଇଲେକ୍ଟ୍ରିକାଲ ସର୍କଲ : ଭଞ୍ଜନଗର ଇଲେକ୍ଟ୍ରିକାଲ ଡିଭିଜନ, ଫୁଲବାଣୀ ଇଲେକ୍ଟ୍ରିକାଲ ଡିଭିଜନ, ବୌଦ୍ଧ ଇଲେକ୍ଟ୍ରିକାଲ ଡିଭିଜନ

୫. ଜୟପୁର ଇଲେକ୍ଟ୍ରିକାଲ ସର୍କଲ : ଜୟପୁର ଇଲେକ୍ଟ୍ରିକାଲ ଡିଭିଜନ, ନବରଙ୍ଗପୁର ଇଲେକ୍ଟ୍ରିକାଲ ଡିଭିଜନ, ମାଲକାନଗିରି ଇଲେକ୍ଟ୍ରିକାଲ ଡିଭିଜନ, କୋରାପୁଟ ଇଲେକ୍ଟ୍ରିକାଲ ଡିଭିଜନ

୬. ରାୟଗଡା ଇଲେକ୍ଟ୍ରିକାଲ ସର୍କଲ : ପାରଳାଖେମୁଣ୍ଡି ଇଲେକ୍ଟ୍ରିକାଲ ଡିଭିଜନ, ରାୟଗଡା ଇଲେକ୍ଟ୍ରିକାଲ ଡିଭିଜନ, ଗୁଣପୁର ଇଲେକ୍ଟ୍ରିକାଲ ଡିଭିଜନ

ଟିପି ଦକ୍ଷିଣ ଓଡିଶା ବିତରଣ ଲିମିଟେଡରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ, ଉନ୍ନତ ମାନର ଗ୍ରାହକ ସେବା ଏବଂ ବ୍ୟବସ୍ଥିତ ଉପାୟରେ ବର୍ତ୍ତମାନର **୨୫.୯୫%** ସମ୍ମିଳିତ ଯାନ୍ତ୍ରିକ ଓ ବ୍ୟାବସାୟିକ କ୍ଷତିକୁ କମାଇବା ଉପରେ ସମ୍ପୂର୍ଣ୍ଣ ଗୁରୁତ୍ୱ ଦିଆଯାଉଛି । ବିତରଣ ଭିତ୍ତିଭୂମିର ଉନ୍ନତିକରଣ, ନୂତନ ବୈଷୟିକ ଜ୍ଞାନକୌଶଳର ଉପଯୋଗ ତଥା ଉପଭୋକ୍ତାଙ୍କୁ ବିଭିନ୍ନ ପ୍ରକାର ଡିଜିଟାଲ ସେବା ପ୍ରଦାନ କରି ଧାର୍ଯ୍ୟ ଲକ୍ଷ୍ୟ ହାସଲ କରାଯାଇପାରିବ ।

## ଯୌଥ ଉଦ୍ୟୋଗ ଅଂଶୀଦାର ସମ୍ପର୍କରେ :

## ଗ୍ରୀଡକୋ ଲିମିଟେଡ :

କମ୍ପାନୀ ଅଧିନିୟମ ୧୯୫୬ ଅଧୀନରେ ଗଠିତ ହୋଇଥିବା ଗ୍ରୀଡକୋ ଲିମିଟେଡ ବିଦ୍ୟୁତ ସଞ୍ଚାରଣ ଓ ଯୋଗାଣ ଦାୟିତ୍ୱ ନିର୍ବାହ କରୁଥିଲା। ଏହା ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଦ୍ୱାରା ସ୍ୱତନ୍ତ୍ର ଭାବେ ଲାଇସେନ୍ସ ପ୍ରାପ୍ତ । ବିଦ୍ୟୁତ ଅଧିନିୟମ,୨୦୦୩ ଲାଗୁ ହେବା ପରେ କମ୍ପାନୀର ସଞ୍ଚାରଣ ସମ୍ବନ୍ଧୀୟ କାର୍ଯ୍ୟକଳାପ ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିଃ ଉପରେ ନ୍ୟସ୍ତ ହେଲା। ଓଡ଼ିଶା ବିଦ୍ୟୁତ ସଂସ୍କାର ( ସଞ୍ଚାରଣ ସମ୍ବନ୍ଧୀୟ କାର୍ଯ୍ୟକଳାପର ସ୍ଥାନାନ୍ତରଣ ) ଯୋଜନା, ୨୦୦୫ ( ୦୯.୦୬.୨୦୦୫ରୁ କାର୍ଯ୍ୟକାରୀ)ରେ ଅନ୍ତର୍ଭୁକ୍ତ ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିଃ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ମାଲିକାନାରେ ରହିଛି । ଅପରପକ୍ଷରେ କ୍ଷମତା ପୃଥକୀକରଣ ପରେ ସମ୍ପ୍ରତି ଗ୍ରୀଡକୋ ରାଜ୍ୟରେ ଥିବା ୪ଟି ବିତରଣ କମ୍ପାନୀକୁ ବଡ଼ ଧରଣର ବିଦ୍ୟୁତ ବିକ୍ରି ଓ କ୍ରୟ କରିବା ସହ ବ୍ୟବସାୟୀଙ୍କ ମାଧମରେ ପଡୋଶୀ ରାଜ୍ୟଙ୍କ ସହ ହେଉଥିବା ଅତିରିକ୍ତ ଶକ୍ତି କାରବାରରେ ଲିପ୍ତ ଅଛି ।

## ଟାଟା ପାୱାର :

ଟାଟା ପାୱାର ଅନ୍ତର୍ଜାତୀୟ ସ୍ତରରେ ସ୍ଥିତି ଜାହିର କରିଥିବା ଭାରତର ସର୍ବବୃହତ ସମନ୍ୱିତ ପାୱାର କମ୍ପାନୀ ଅଟେ । ସହଯୋଗୀ କମ୍ପାନୀ ଏବଂ ଯୌଥ ଉଦ୍ୟୋଗଗୁଡିକୁ ମିଶାଇ ଭାରତରେ କମ୍ପାନୀର ମୋଟ ଉତ୍ପାଦନ କ୍ଷମତା ୧୨,୭୪୨ ମେଗାୱାଟ । ଶକ୍ତି କ୍ଷେତ୍ରର ସବୁ ବିଭାଗରେ ଯଥା- ଇନ୍ଧନ ଓ ଲଜିଷ୍ଟିକ୍ସ , ଉତ୍ପାଦନ ( ତାପଜ ଶକ୍ତି, ଜଳବିଦ୍ୟୁତ, ସୌର ଶକ୍ତି, ପବନ ଶକ୍ତି ), ସଞ୍ଚାରଣ, ବିତରଣ ଏବଂ ବାଣିଜ୍ୟରେ କମ୍ପାନୀର ଉପସ୍ଥିତି ରହିଛି।

ଭାରତରେ ବିଦ୍ୟୁତ ଉତ୍ପାଦନ, ସଞ୍ଚାରଣ ଓ ବିତରଣ କ୍ଷେତ୍ରରେ ଏହାର ସଫଳ ସରକାରୀ- ଘରୋଇ ଭାଗୀଦାରି ରହିଛି । ଯଥା- ଉତ୍ତର ଦିଲ୍ଲୀରେ ବିଦ୍ୟୁତ ବିତରଣ ପାଇଁ ଦିଲ୍ଲୀ ବିଦ୍ୟୁତ ବୋର୍ଡ ସହ "ଟାଟା ପାୱାର ଦିଲ୍ଲୀ ବିତରଣ ଲିମିଟେଡ", ଭୁଟାନର ତାଲା ହାଇଡ୍ରୋ ପ୍ଲାଣ୍ଟରୁ ଦିଲ୍ଲୀ ଯାଏଁ ଶକ୍ତି ସଞ୍ଚାରଣ ପାଇଁ ପାୱାର ଗ୍ରୀଡ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ ସହ "ପାୱାରଲିଙ୍କସ ଟ୍ରାନ୍ସମିସନ ଲିମିଟେଡ", ଝାଡଖଣ୍ଡରେ ୧୦୫୦ ମେଗା ୱାଟ୍ ମେଗା ପାୱାର ପ୍ରକଳ୍ପ ପାଇଁ ଦାମୋଦର ଭ୍ୟାଲି କର୍ପୋରେସନ ସହ "ମଇଥୋନ ପାୱାର ଲିମିଟେଡ" ଭାବେ କାର୍ଯ୍ୟରତ । ବର୍ତ୍ତମାନ ଭାରତର ( ମୁମ୍ବାଇ, ଦିଲ୍ଲୀ, ଆଜମେର, କେନ୍ଦ୍ରୀୟ ଓଡ଼ିଶା , ପଶ୍ଚିମ ଓଡ଼ିଶା , ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶା ) ୯୫ ଲକ୍ଷରୁ ଅଧିକ ଉପଭୋକ୍ତାଙ୍କୁ ଟାଟା ପାୱାର ବିଦ୍ୟୁତ ସେବା ଯୋଗାଉଛି।

## ସଂକ୍ଷେପରେ ଟିପିଏସଓଡିଏଲ୍ ୩୧.୦୩.୨୦୨୪ ସୁଦ୍ଧା

| | | |
|---|---|---|
| A. | ମୋଟ ଉପଭୋକ୍ତା | ୨୨,୭୦,୯୧୫ |
| | ଗ୍ରାମୀଣ= ୧୮,୭୩,୨୩୩, ସହରାଞ୍ଚଳ = ୩,୯୭,୬୮୨ | |
| | ଘରୋଇ = ୨୦, ୯୧, ୬୫୫ (୯୨.୧%), କମର୍ସିଆଲ= ୧,୦୪,୮୨୮ (୪.୬%), ଶିଳ୍ପ= ୪,୮୨୨(୦.୨%), ଜଳସେଚନ= ୩୭,୮୬୭ (୧.୭%), ଅନ୍ୟାନ୍ୟ= ୩୧,୭୪୩(୧.୪%) | |
| B. | ମୋଟ ଇନପୁଟ ( ମେଗା ୟୁନିଟରେ) | ୪୩୪୫.୩୭ |
| C. | ମୋଟ ବିଲିଂ (ମେଗା ୟୁନିଟ ରେ ) | ୩୧୯୪.୯୬ |
| D. | ମୋଟ ବିଲିଂ (କୋଟି ଟଙ୍କାରେ ) | ୧୭୮୮.୫୧ |
| E. | ମୋଟ ସଂଗ୍ରହ (କୋଟି ଟଙ୍କାରେ ) | ୧୮୦୧.୨୪ |
| F. | ମୋଟ ସଞ୍ଚାରଣ ଓ ବିତରଣ କ୍ଷତି (%) | ୨୬% |
| G. | ଏଟି ଆଣ୍ଡ ସି କ୍ଷତି (%) | ୨୫.୯୫% |
| H. | | |
| I. | ମିଟର ସଂଯୋଗ ହୋଇଥିବା ମୋଟ ଉପଭୋକ୍ତା | ୨୨,୭୦,୯୧୫ |
| | ଓକେ ମିଟର ସଂଯୁକ୍ତ ମୋଟ ଉପଭୋକ୍ତା | ୨୧,୬୯,୧୯୭ |
| | ମୋଟ ତ୍ରୁଟିପୂର୍ଣ୍ଣ ମିଟର ସଂଯୁକ୍ତ ଉପଭୋକ୍ତା | ୧,୦୧,୭୧୮ |
| J. | ବିଦ୍ୟୁତିକରଣ ହୋଇଥିବା ମୋଟ ଗ୍ରାମ | ୧୪୧୬୫ |
| K. | ଶକ୍ତି ସମ୍ପର୍ଣ୍ଣ ମୋଟ ସରକାରୀ ଏଲଆଇ ପଏଣ୍ଟ | ୦ |
| L. | ଶକ୍ତି ସମ୍ପର୍ଣ୍ଣ ମୋଟ ବେସରକାରୀ ପଏଣ୍ଟ | ୨୮୮୨୯ |
| M. | ବିକେବିୱାଇ ଅଧିନରେ ଶକ୍ତି ସମ୍ପର୍ଣ୍ଣ ମୋଟ ପମ୍ପ ସେଟ୍ | |
| O. | **ମୋଟ ଅଫିସ** | |
| | ସର୍କଲ | ୬ |
| | ଡିଭିଜନ (ଗୋଟିଏ ଷ୍ଟୋର ଡିଭିଜନକୁ ଛାଡି) | ୧୯ |
| | ସବ ଡିଭିଜନ ( ୨ଟି ଷ୍ଟୋର ସବ ଡିଭିଜନକୁ ଛାଡି) | ୫୧ |
| | ସେକ୍ସନ (୪ଟି ଷ୍ଟୋର ସେକ୍ସନକୁ ଛାଡି) | ୧୩୫ |
| | ଅଭିଯୋଗ ପ୍ରତିକାର ଫୋରମ୍ | ୪ |
| | ଅମ୍ବୁଡ୍ସମ୍ୟାନ | ୧ |
| | ଏନର୍ଜି ପୋଲିସ ଷ୍ଟେସନ | ୧୦ |
| | କଲ୍ ସେଣ୍ଟର | ୬ |

**ମୋଟ ଏସେଟ୍**

| | | |
|---|---|---|
| (i) | ୩୩ କେଭି ଲାଇନ୍ | ୪୨୪୦.୯୯ |
| (ii) | ୧୧ କେଭି ଲାଇନ୍ | ୪୬୯୮୪.୫୨ |
| (iii) | ଏଲଟି ଲାଇନ୍ | ୪୧୪୮୩.୬୨ |
| (iv) | ୩୩/୧୧ କେଭି ସବ ଷ୍ଟେସନ | ୨୫୧ |
| (v) | ୩୩/୧୧ କେଭି ଟ୍ରାନ୍ସଫର୍ମର | ୫୬୩ |
| (vi) | ୧୧/୦.୪ କେଭି ଓ ୩୩/୦.୪ କେଭି ଟ୍ରାନ୍ସଫର୍ମର | ୬୩୩୦୩ |
| (vii) | ୩୩ କେଭି ଫିଡର | ୧୪୮ |
| (vii) | ୧୧ କେଭି ଫିଡର | ୯୨୮ |

# ଲକ୍ଷ୍ୟ ଓ ମିଶନ

## ଟିପିଏସଓଡିଏଲର ଲକ୍ଷ୍ୟ

'ନିରାପଦ, ଭରସାଯୋଗ୍ୟ, ଧାରଣୀୟ, ବ୍ୟୟସାପେକ୍ଷ ଏବଂ ଉପଭୋକ୍ତା କୈନ୍ଦ୍ରିକ ଶକ୍ତି ସମସ୍ୟାର ସମାଧାନ ମାଧ୍ୟମରେ ଲୋକଙ୍କ ଜୀବନକୁ ସମୃଦ୍ଧ କରିବା"

"

## ଟିପିଏସଓଡିଏଲର ମିଶନ

- ଆମର ସମସ୍ତ କାର୍ଯ୍ୟରେ ଉପଭୋକ୍ତା କୈନ୍ଦ୍ରିକ ରହିବ

- ନୂତନ ପ୍ରଯୁକ୍ତିବିଦ୍ୟା ଓ ଅଭିନବ ଜ୍ଞାନକୌଶଳ ଆପଣେଇ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷ ହାସଲ
- ଇଚ୍ଛା ଶକ୍ତି ବା ପ୍ରବୃତ୍ତି ଓ ଉଦ୍ଦେଶ୍ୟ ଦ୍ୱାରା ପ୍ରେରିତ ଏକ ସଶକ୍ତ, ତତ୍ପର ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ତିଆରି କରିବା
- ଜୀବିକାକୁ  ନିରନ୍ତର ପ୍ରୋତ୍ସାହନ ଦେବା ପାଇଁ  ଗୋଷ୍ଠୀ ସହ ଜଡ଼ିତ ହେବା
- ସମସ୍ତ ଅଂଶୀଦାରଙ୍କ ଧ୍ୟାନ ରଖିବା ସହ ନେତୃତ୍ବ

## ଟିପିଏସଓଡିଏଲର ମୂଲ୍ୟବୋଧ

**ସ୍କେଲ - ସୁରକ୍ଷା, ଯତ୍ନ, ତତ୍ପରତା, ଶିକ୍ଷଣ , ନୈତିକତା**

**S- ସୁରକ୍ଷାରୁ ଉର୍ଦ୍ଧ୍ୱରେ କୌଣସି ବ୍ୟାବସାୟିକ ଲକ୍ଷ୍ୟ ନାହିଁ**


**C- ଆମର ଅଂଶୀଦାର, ପରିବେଶ, ଗ୍ରାହକ ଓ ସେୟାର ହୋଲ୍ଡର ( ଉଭୟ ବର୍ତ୍ତମାନର ଓ ଆଗକୁ ହେବାକୁ ଥିବା ), ଆମ ଗୋଷ୍ଠୀ ଓ ଆମ ଲୋକଙ୍କ ଯତ୍ନ ନେବା**

**A- କର୍ମଚାରୀଙ୍କୁ ସଶକ୍ତ କରିବା ଓ ସହଯୋଗିତା ମାଧ୍ୟମରେ ତତ୍ପରତା, ପ୍ରତିକ୍ରିୟାଶୀଳତା ଓ ସକ୍ରିୟତା ଦେଖାଇବା**


**L- ଶିକ୍ଷା ଓ ତାଲିମ ଦ୍ୱାରା ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବା ଭଳି ଦକ୍ଷତା ବିକାଶ କରିବା ଓ ଶିଖିବା ଏବଂ ଇ- ଶିକ୍ଷଣ ପ୍ଲାଟଫର୍ମଗୁଡ଼ିକର ସର୍ବୋତ୍ତମ ବ୍ୟବହାର**

**E-ନୈତିକତା, ଅଖଣ୍ଡତା ଓ ପାରସ୍ପରିକ ବିଶ୍ବାସ ମାଧ୍ୟମରେ ନୈତିକତାର ସବୁଠାରୁ ପ୍ରଶଂସନୀୟ ମାନକ ହାସଲ କରିବା**

# ଅର୍ଗାନୋଗ୍ରାମ- ଟିପିଏସଓଡିଏଲ, କର୍ପୋରେଟ ଅଫିସ



# ଟିପିଏସଓଡିଏଲ ଫିଲ୍ଡ ଷ୍ଟାଟସ



# ପ୍ରକରଣ-୨

ଅଧିକାରୀ ଓ କର୍ମଚାରୀଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱ

(ସେକ୍ସନ-୪(୧) (ବି) (୨))

| କ୍ରମାଙ୍କ | ପଦବୀ | ଦାୟିତ୍ୱ |
|---|---|---|
| ୧ | ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ | ବୋର୍ଡର ସାଧାରଣ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ ଟିପିଏସ୍ଓଡିଏଲର ଦୈନନ୍ଦିନ କାର୍ଯ୍ୟକଳାପ ଓ ପରିଚାଳନା ଦାୟିତ୍ୱ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପରେ ନ୍ୟସ୍ତ। ସେ ଟିପିଏସ୍ଓଡିଏଲର ସମସ୍ତ ବିଭାଗ ଯଥା- ବ୍ୟାବସାୟିକ ,ବୈଷୟିକ , ଆର୍ଥିକ ଏବଂ ନିୟାମକ, ଠିକା , ମାନବ ସମ୍ବଳ ଓ ପ୍ରଶାସନିକ , ଆଇନ ସମ୍ବନ୍ଧୀୟ ବ୍ୟାପାର ଓ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଇତ୍ୟାଦିର କାର୍ଯ୍ୟକାରୀ ମୁଖ୍ୟ ଏବଂ ବୋର୍ଡର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ କାର୍ଯ୍ୟ ସମ୍ପାଦନ କରନ୍ତି। |
| ୨ | ମୁଖ୍ୟ ଆର୍ଥିକ ଅଧିକାରୀ | ସେ ଟିପିଏସ୍ଓଡିଏଲ ଅର୍ଥ ବିଭାଗର ମୁଖ୍ୟ। କମ୍ପାନୀର ଆର୍ଥିକ ଯୋଜନା, ଆର୍ଥିକ ପରିଚାଳନା ଓ ନିୟନ୍ତ୍ରଣ ଇତ୍ୟାଦି ଦାୟିତ୍ୱ ନିର୍ବାହ କରିବା ସହ ସଂସ୍ଥାର ଦୈନନ୍ଦିନ ଆର୍ଥିକ ପ୍ରଶାସନକୁ ନିୟନ୍ତ୍ରଣ କରନ୍ତି। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବୋର୍ଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ ସେ କାର୍ଯ୍ୟ କରନ୍ତି। |
| ୩ | ଅପରେସନ ସର୍ଭିସେସ୍ ମୁଖ୍ୟ | ୩୩/୧୧ କେଭି ସବଷ୍ଟେସନ ଓ ସମସ୍ତ ପ୍ରକାର ଟ୍ରାନ୍ସଫର୍ମରଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ତଥା ସିଭିଲ, ଇଞ୍ଜିନିୟରିଂ,ପ୍ଲାନିଂ ଓ ସର୍କଲଗୁଡିକର ମନିଟରିଂ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ ସେ କାର୍ଯ୍ୟ କରନ୍ତି। |
| ୪ | ବ୍ୟାବସାୟିକ ମୁଖ୍ୟ | ସେ କମ୍ପାନୀର ବ୍ୟାବସାୟିକ କାର୍ଯ୍ୟଗୁଡିକର ମୁଖ୍ୟ। ଏହାସହ ଗ୍ରାହକ ସେବା ଓ ପ୍ରମୁଖ ଉପଭୋକ୍ତା ଗୋଷ୍ଠୀଗୁଡ଼ିକର ଦାୟିତ୍ୱ ମଧ ତାଙ୍କ ନିକଟରେ ରହିଛି । ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ ସେ କାର୍ଯ୍ୟ କରନ୍ତି। |
| ୫ | କ୍ରୟ ଏବଂ ଷ୍ଟୋର ମୁଖ୍ୟ | କମ୍ପାନୀର ଦୈନନ୍ଦିନ କାର୍ଯ୍ୟରେ ଆବଶ୍ୟକୀୟ ସାମଗ୍ରୀ କ୍ରୟ କରିବା ଏବଂ ଷ୍ଟୋର ପରିଚାଳନା ଦାୟିତ୍ୱ ତାଙ୍କଠାରେ ନ୍ୟସ୍ତ ରହିଛି । ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ ସେ କାର୍ଯ୍ୟ କରନ୍ତି। |
| ୬ | ବୈଷୟିକ ମୁଖ୍ୟ | ସେ କମ୍ପାନୀର ବୈଷୟିକ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଅପରେସନ ମୁଖ୍ୟ ଅଟନ୍ତି। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ ସେ କାର୍ଯ୍ୟ କରନ୍ତି। |
| ୭ | ଟେକ୍ନିକାଲ ସର୍ଭିସେସ ମୁଖ୍ୟ | ପ୍ରୋଜେକ୍ଟ, ନେଟୱର୍କ ଇଞ୍ଜିନିୟରିଂ, ଯୋଜନା ଏବଂ ନିରୀକ୍ଷଣ ଓ ଗୁଣବତ୍ତା ସୁନିଶ୍ଚିତ କରିବା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ ସେ କାର୍ଯ୍ୟ କରନ୍ତି। |
| ୮ | ମାନବ ସମ୍ବଳ ମୁଖ୍ୟ | ସେ ମାନବ ସମ୍ବଳ ବିଭାଗ ଓ ପ୍ରଶାସନିକ କାର୍ଯ୍ୟଗୁଡିକର ମୁଖ୍ୟ ଅଟନ୍ତି। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ ସେ କାର୍ଯ୍ୟ କରନ୍ତି। |

| | | |
|---|---|---|
| ୯ | ନିୟାମକ ମୁଖ୍ୟ | କମ୍ପାନୀର ନିୟାମକ ସମ୍ବନ୍ଧୀୟ କାର୍ଯ୍ୟଗୁଡିକର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ । ସେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ କାର୍ଯ୍ୟ କରନ୍ତି। |
| ୧୦ | ସୁରକ୍ଷା ଓ ଭିଜିଲାନ୍ସ- ମୁଖ୍ୟ | କର୍ମଚାରୀ, ଆସେଟ୍, ବ୍ୟବସ୍ଥାର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବ୍ୟାପକ ସୁରକ୍ଷା ନୀତି ଏବଂ ନିୟମାବଳୀ ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରିବା ତାଙ୍କ ଦାୟିତ୍ୱ। ଏହାସହ ବିପଦ ଆକଳନ, ସୁରକ୍ଷା କର୍ମୀଙ୍କ ପରିଚାଳନା, ବିଜୁଳି ଚୋରି ଏବଂ ଦୁର୍ନୀତି ରୋକିବା ପାଇଁ ଆଇନ ପ୍ରବର୍ତ୍ତନ ଏଜେନ୍ସିଙ୍କ ସହ ଯୋଗସୂତ୍ର ରକ୍ଷା କରିବା ଇତ୍ୟାଦି କାର୍ଯ୍ୟ ନ୍ୟସ୍ତ ରହିଛି। ଦୁର୍ନୀତି ନିବାରଣ ସହ ଅନୈତିକ କାର୍ଯ୍ୟର ତଦନ୍ତ କରନ୍ତି। ସେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ନିୟନ୍ତ୍ରଣରେ କାର୍ଯ୍ୟ କରନ୍ତି। |
| ୧୧ | ଆଇଟି (ସୂଚନା ଓ ପ୍ରଯୁକ୍ତିବିଦ୍ୟା) ମୁଖ୍ୟ | କମ୍ପାନୀର ଆଇଟି ଭିତ୍ତିଭୂମି ଦାୟିତ୍ୱ ସେ ନିର୍ବାହ କରନ୍ତି। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ ସେ କାର୍ଯ୍ୟ କରନ୍ତି। |
| ୧୨ | କର୍ପୋରେଟ ସାମାଜିକ ଦାୟିତ୍ୱ ମୁଖ୍ୟ | କମ୍ପାନୀର ସାମାଜିକ ଦାୟିତ୍ୱ ପଦକ୍ଷେପଗୁଡିକ ତାଙ୍କ ଉପରେ ନ୍ୟସ୍ତ। ସେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ ସେ କାର୍ଯ୍ୟ କରନ୍ତି। |
| ୧୩ | ଆଇନ ମୁଖ୍ୟ | ସେ କମ୍ପାନୀର ଆଇନ ସମ୍ବନ୍ଧୀୟ କାର୍ଯ୍ୟଗୁଡିକର ମୁଖ୍ୟ ଅଟନ୍ତି।ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ ସେ କାର୍ଯ୍ୟ କରନ୍ତି। |
| ୧୪ | କର୍ପୋରେଟ ଯୋଗାଯୋଗ ମୁଖ୍ୟ | କମ୍ପାନୀ ପକ୍ଷରୁ ଆଭ୍ୟନ୍ତରୀଣ ଓ ବାହ୍ୟ ଯୋଗାଯୋଗ ସମ୍ବନ୍ଧୀୟ ସମସ୍ତ ବିଷୟର ଦାୟିତ୍ୱ ସେ ନିର୍ବାହ କରନ୍ତି। ସ୍ଥାନୀୟ ତଥା ରାଜ୍ୟ ସ୍ତରରେ ସରକାରଙ୍କ ସହ ଯୋଗସୂତ୍ର ରକ୍ଷା କରନ୍ତି। ସେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ କାର୍ଯ୍ୟ କରନ୍ତି। |
| ୧୫ | କମ୍ପାନୀ ସେକ୍ରେଟାରୀ | ସେକ୍ରେଟାରିଆଲ କାର୍ଯ୍ୟଗୁଡିକ ସମ୍ପାଦନ କରିବା ସହ ଦୈନନ୍ଦିନ ବ୍ୟାପାରରେ କମ୍ପାନୀ ଅଧିନିୟମ,୨୦୧୩ ଓ ସମବର୍ଗୀ ଆଇନଗୁଡିକର ଅନୁପାଳନକୁ ନିଶ୍ଚିତ କରିବା ସେକ୍ରେଟାରୀଙ୍କ ଦାୟିତ୍ୱ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ ସେ କାର୍ଯ୍ୟ କରନ୍ତି। |

# ପ୍ରକରଣ-୩

## ନିଷ୍ପତ୍ତି ଗ୍ରହଣରେ ଅନୁକରଣୀୟ ପଦ୍ଧତି

(ସେକ୍ସନ-୪(୧) (ବି) (୩))

ଟିପିଏସ୍‌ଓଡିଏଲରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଅତ୍ୟନ୍ତ ସ୍ୱଚ୍ଛ ଓ ପ୍ରଭାବଶାଳୀ। ଯେକୌଣସି ଶାଖାରୁ ଆସିଥିବା ପ୍ରସ୍ତାବଗୁଡିକୁ ଆର୍ଥିକ ,ବ୍ୟାବସାୟିକ ,ବୈଷୟିକ, ଆଇନ ବ୍ୟାପାର ଓ ମାନବ ସମ୍ବଳ ବିଭାଗ ଦ୍ୱାରା ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଏ। ଆର୍ଥିକ କାରବାର ସମ୍ପୃକ୍ତି ଥିବା ପ୍ରସ୍ତାବକୁ ଅବଗତି ନିମନ୍ତେ ଅର୍ଥ ବିଭାଗକୁ ପ୍ରେରିତ କରାଯାଏ। ବୋର୍ଡ/ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ଷମତା ଅନୁଯାୟୀ ସମ୍ପୃକ୍ତ ଅଧିକାରୀ ନିଷ୍ପତ୍ତି ନିଅନ୍ତି। ଅନୁମୋଦନ ଅପେକ୍ଷାରେ ଥିବା ନୀତି ନିୟମଗୁଡିକୁ ଟିପିଏସ୍‌ଓଡିଏଲ୍ ବୋର୍ଡ ଓ ନିୟାମକଙ୍କ ନିକଟକୁ ପଠାଯାଏ। ଅନୁମୋଦନ ପ୍ରାପ୍ତ ହେବା ପରେ ସେହି ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଏ।

# ପ୍ରକରଣ-୪

କାର୍ଯ୍ୟ ସମ୍ପାଦନ ରୀତି

(ସେକ୍ସନ-୪(୧) (ବି) (୪))

ଓଡିଶା ବିଦ୍ୟୁତ ନିୟାମକ ଆୟୋଗ(ଓଇଆରସି) ଦ୍ୱାରା ଅନୁମୋଦିତ ସୁରକ୍ଷା, ବୈଷୟିକ, ବ୍ୟାବସାୟିକ ଓ ଗୁଣବତ୍ତା ସମ୍ବନ୍ଧୀୟ ନିୟମାବଳୀ ପାଳନ କରାଯାଉଅଛି। ଏହା ସହ ବିଦ୍ୟୁତ ଅଧିନିୟମ, ଓଇଆରସି ରେଗୁଲେସନ, ସି.ଇ.ଏ ରେଗୁଲେସନ ଓ ନିୟମ ତଥା ବିଦ୍ୟୁତ ବିତରଣ ସକାଶେ ପ୍ରଯୁଜ୍ୟ ସମୟାନୁସାରେ ସଂଶୋଧିତ ଅନ୍ୟ ନିୟମାବଳୀକୁ ପାଳନ କରାଯାଉଅଛି।

ଦୟାକରି, ଅଧିକ ଜାଣିବା ପାଇଁ ଆମ ୱେବସାଇଟ www.tpsouthernodisha.com ଲଗ ଇନ୍ କରନ୍ତୁ

# ପ୍ରକରଣ-୫

କାର୍ଯ୍ୟ ସମ୍ପାଦନର ନିୟମ, ନିୟନ୍ତ୍ରଣ, ନିର୍ଦ୍ଦେଶନାମା, ପ୍ରକରଣ ଓ ଅଭିଲେଖ

( ସେକ୍ସନ-୪(୧) (ବି) (୫) )

ବିଦ୍ୟୁତ ଅଧିନିୟମ, ଓଇଆରସି ରେଗୁଲେସନ, ସି.ଇ.ଏ ରେଗୁଲେସନ ଓ ନିୟମ ତଥା ସମୟାନୁସାରେ ସଂଶୋଧିତ ବିଦ୍ୟୁତ ବିତରଣ ସକାଶେ ପ୍ରଯୁଜ୍ୟ ଅନ୍ୟ ନିୟମାବଳୀକୁ ଅନୁପାଳନ କରାଯାଉଅଛି।

ବଦଳି ହୋଇଥିବା ସାଉଥକୋ କର୍ମଚାରୀଙ୍କ କ୍ଷେତ୍ରରେ ଗ୍ରୀଡକୋ ନିୟମ, ରେଗୁଲେସନ ଏବଂ ଅର୍ଡରକୁ ଗ୍ରହଣ କରିବା ସହ ଅନୁପାଳନ କରାଯାଉଅଛି।

ଟିପି ସଦର୍ଣ୍ଣ ଓଡିଶା ବିତରଣ ଲିମିଟେଡର ନୂଆ କର୍ମଚାରୀଙ୍କ କ୍ଷେତ୍ରରେ ଟାଟା ପାୱାର/ଟିପିଏସ୍ଓଡିଏଲର ନିୟମ ଓ ରେଗୁଲେସନ ଲାଗୁ କରାଯାଉଅଛି।

ଏହା ସହିତ ବିଦ୍ୟୁତ ବିତରଣ ପାଇଁ ରହିଥିବା ଅନ୍ୟାନ୍ୟ ବୈଧାନିକ ଅଧିନିୟମ, ନିୟମ, ରେଗୁଲେସନ ଇତ୍ୟାଦି ଅନୁପାଳନ କରାଯାଉଛି ।

# ପ୍ରକରଣ-୬

## ନିୟନ୍ତ୍ରଣାଧୀନ ଦଲିଲ ସମୂହ

(ସେକ୍ସନ-୪(୧) (ବି) (୬))

ତତ୍କାଳୀନ ସାଉଥକୋ କର୍ମଚାରୀଙ୍କ ପାଇଁ ଗ୍ରୀଡକୋର ସର୍ଭିସ୍ ରେଗୁଲେସନକୁ ଟିପିଏସ୍‌ଓଡିଏଲ୍ ଗ୍ରହଣ କରିଛି । କିଛି ଦଲିଲ ନିମ୍ନରେ ଦିଆଗଲା :

୧. ଗ୍ରୀଡକୋ ଅଫିସର୍ସ ସର୍ଭିସ୍ ରେଗୁଲେସନ

୨. ଗ୍ରୀଡକୋ ଅଫିସର୍ସ ନିଯୁକ୍ତି ପଲିସି

୩. ଓଏସ୍ଇବି ମିନିଷ୍ଟେରିଆଲ ସର୍ଭିସ (ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ନିଯୁକ୍ତି,ବରିଷ୍ଠତା ଓ ପଦୋନ୍ନତି ପ୍ରକ୍ରିୟା) ରେଗୁଲେସନ ୧୯୮୩

୪. ଦ ମିନିଷ୍ଟେରିଆଲ ସର୍ଭିସ (ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତି,ବରିଷ୍ଠତା ଓ ପଦୋନ୍ନତି ପ୍ରକ୍ରିୟା ) ରେଗୁଲେସନ ୧୯୮୨

୫. ଓଏସ୍ଇବି କର୍ମଚାରୀ ଛୁଟି ରେଗୁଲେସନ ୧୯୮୩

୬. ଓଏସ୍ଇବି କର୍ମଚାରୀ ପେନସନ (ବାର୍ଦ୍ଧକ୍ୟ ଓ ପରିବାର ପେନସନ) ରେଗୁଲେସନ ୧୯୯୨

୭. ଗ୍ରୀଡକୋ ଦ୍ୱାରା ଗୃହୀତ ଇଣ୍ଡଷ୍ଟ୍ରିଆଲ ନିଯୁକ୍ତି (ଷ୍ଟାଣ୍ଡିଂ ଅର୍ଡର) ଅଧିନିୟମ ୧୯୪୬ ଅନ୍ତର୍ଗତ ଓଏସ୍ଇବି,ଭୁବନେଶ୍ୱର(ଓଡିଶା) ପ୍ରମାଣୀକୃତ ଷ୍ଟାଣ୍ଡିଂ ଅର୍ଡର

୮. ଗ୍ରୀଡକୋ ଥଇଥାନ ସହାୟତା ରେଗୁଲେସନ ୧୯୯୭

ଏତଦବ୍ୟତୀତ ତତ୍କାଳୀନ ସାଉଥକୋ ଏହାର କର୍ମଚାରୀଙ୍କ ପାଇଁ ନିମ୍ନ ନିୟମାବଳୀ ଓ ରେଗୁଲେସନ ପ୍ରସ୍ତୁତ କରିଛି, ଯାହା ବର୍ତ୍ତମାନ କାର୍ଯ୍ୟକାରୀ ଅଛି :-

୧. ସାଉଥକୋ ଅଧିକାରୀ ପଦୋନ୍ନତି ନୀତି

୨. ସାଉଥକୋ ଅନ୍ତ୍ୟେଷ୍ଟି ଖର୍ଚ୍ଚ ନିୟମ

୩. ସାଉଥକୋ ମେଡିକାଲ ଆଟେଣ୍ଡାନ୍ସ ନିୟମ

୪. ବର୍ତ୍ତମାନର ୯୦ ଦିନିଆ ମାତୃତ୍ୱ ଛୁଟିକୁ ୧୮୦ ଦିନକୁ ବୃଦ୍ଧି ଏବଂ ରାଜ୍ୟ ସରକାରଙ୍କ ନିୟମାନୁଯାୟୀ ୧୫ ଦିନିଆ ପିତୃତ୍ୱ ଅବକାଶ ପ୍ରଚଳନ

୫. ସାଉଥକୋର ଅବସରପ୍ରାପ୍ତ କର୍ମଚାରୀଙ୍କ ନିମନ୍ତେ ଉପହାର ଅନୁମୋଦନ

୬. ସାଉଥକୋ କାର୍ଯ୍ୟନିର୍ବାହୀ ଓ ଅଣ-କାର୍ଯ୍ୟନିର୍ବାହୀ ବଦଳି ନୀତି

# ପ୍ରକରଣ-୭

## ନୀତି ପ୍ରଣୟନରେ ବ୍ୟବସ୍ଥାର ବିଶେଷତା

(ସେକ୍ସନ-୪(୧) (ବି) (୭))

- ସମୟ ସମୟରେ ସରକାର ଏବଂ ଓଇଆରସିଙ୍କ ନିକଟରୁ ମିଳୁଥିବା ମାର୍ଗଦର୍ଶନ, ନୀତି ଓ ଅନୁଦେଶ ଆଧାରରେ ବୋର୍ଡ ଅଫ ଡିରେକ୍ଟର୍ସ ଟିପିଏସ୍ଓଡିଏଲର ମୌଳିକ ନୀତି ପ୍ରଣୟନ କରନ୍ତି।

- ବୋର୍ଡ ଅଫ ଡିରେକ୍ଟର୍ସଙ୍କ ଦ୍ୱାରା ନିଆଯାଉଥିବା ନୀତି ଓ ନିଷ୍ପତ୍ତି ସମ୍ପର୍କରେ ସିଇଓଙ୍କୁ ଅବଗତ କରାଯାଏ ଏବଂ ସିଇଓ ସମ୍ପୃକ୍ତ ସମସ୍ତ ବିଭାଗ/କାର୍ଯ୍ୟକାରୀ ମୁଖ୍ୟଙ୍କ ସହ ଯୋଗାଯୋଗ କରନ୍ତି। ଏହି ଉଦ୍ଦେଶ୍ୟରେ ଅଫିସ୍ ଅର୍ଡର ଓ ସର୍କୁଲାର ଜାରି କରାଯାଏ।

- ବୋର୍ଡ ଅଫ ଡିରେକ୍ଟର୍ସ ଦ୍ୱାରା ସିଇଓଙ୍କୁ ପ୍ରଦତ୍ତ କ୍ଷମତାର ପ୍ରତିନିଧିତ୍ୱ ଏବଂ ସ୍ଥିରୀକୃତ ପ୍ରକ୍ରିୟା ଓ ନୀତି ଆଧାରରେ କମ୍ପାନୀର ବିଭିନ୍ନ ବିଭାଗର ନିଷ୍ପତ୍ତିଗୁଡିକୁ ବିଚାର କରାଯାଏ। ବୋର୍ଡ ଅଫ ଡିରେକ୍ଟର୍ସଙ୍କ ନିଷ୍ପତ୍ତିକ୍ରମେ ମାମଲାକୁ ସିଇଓଙ୍କ ନିକଟକୁ ପଠାଯାଏ ଏବଂ ସେହି ଅନୁସାରେ କାର୍ଯ୍ୟକାରୀ କରାଯାଏ।

# ପ୍ରକରଣ-୮

## ଗଠିତ ହୋଇଥିବା ବୋର୍ଡ,ପରିଷଦ,କମିଟି ଓ ଅନ୍ୟାନ୍ୟ ସଂସ୍ଥା

(ସେକ୍ସନ-୪(୧) (ବି) (୮))

ଟିପି ସଦର୍ଣ୍ଣ ଓଡିଶା ବିତରଣ ଲିମିଟେଡ ( ଟିପିଏସ୍ଓଡିଏଲ୍ )

CIN: U40109OR2020PLC035195

୨୪-୦୯-୨୦୨୪ ସୁଦ୍ଧା ଟିପିଏସଓଡିଏଲର ବୋର୍ଡ୍ ଅଫ ଡିରେକ୍ଟର୍ସ ଓ କମିଟି

| କ୍ରମାଙ୍କ | ନିର୍ଦ୍ଦେଶକଙ୍କ ନାମ | ଡିଆଇଏନ | ନିର୍ଦ୍ଦେଶକଙ୍କ ଦାୟିତ୍ୱ | ନିଯୁକ୍ତି ତାରିଖ | ଅନ୍ୟ କମିଟି ବୋର୍ଡ଼ରେ ସଦସ୍ୟ |
|---|---|---|---|---|---|
| ୧. | ଶ୍ରୀ ମନୋଜ ଆହୁଜା, ଭା.ପ୍ର.ସେ | ୦୨୭୪୨୯୬୯ | ଚେୟାରମ୍ୟାନ୍ - ଏନଇ | ୨୦.୦୭.୨୦୨୪ | - |
| ୨. | ଡ. ପ୍ରବୀର ସିହ୍ନା | ୦୧୬୮୫୧୬୪ | ଏନଇ | ୦୧/୦୧/୨୦୨୧ | ଏନଆରସି |
| ୩. | ଶ୍ରୀ ସଞ୍ଜୟ କୁମାର ବାଙ୍ଗା | ୦୭୬୮୫୯୪୮ | ଏନଇ | ୦୧/୦୧/୨୦୨୧ | ଏସି |
| ୪. | ଶ୍ରୀ ତ୍ରିଲୋଚନ ପଣ୍ଡା | ୦୦୮୩୬୭୯୩ | ଏନଇ | ୦୧/୦୧/୨୦୨୧ | ଏସି ଓ ଏନଆରସି |
| ୫. | ଶ୍ରୀ ସୁନୀଲ ସିଂ | ୦୮୧୧୪୨୧୫ | ଏନଇ | ୨୦/୧୦/୨୦୨୩ | ଏସି ଓ ସିଏସଆର |
| ୬. | ଶ୍ରୀ କୈଳାଶ ନାଥ ଶ୍ରୀବାସ୍ତବ ଭା.ପ୍ର.ସେ(ଅବସରପ୍ରାପ୍ତ) | ୦୧୫୮୪୧୨୪ | ଆଇଡି | ୨୯/୦୪/୨୦୨୪ | ଏସି ଓ ଚେୟାରମ୍ୟାନ୍-ଏନଆରସି |
| ୭. | ଡ.ଅଦିତି ରାଜା | ୦୦୧୬୪୩୧୩ | ଡବ୍ଲ୍ୟୁଡି/ ଆଇଡି | ୨୯/୦୪/୨୦୨୪ | ଏସି ଓ ଚେୟାରପର୍ସନ-ସିଏସଆର୍ |
| ୮. | ଡ. ଅରୁଣ କୁମାର ପଣ୍ଡା ଭା.ପ୍ର.ସେ(ଅବସରପ୍ରାପ୍ତ) | ୦୦୭୮୬୩୨୦ | ଆଇଡି | ୨୯/୦୪/୨୦୨୪ | ଚେୟାରମ୍ୟାନ୍-ଏସି |
| ୯. | ଶ୍ରୀ ଉମାକାନ୍ତ ସାହୁ | ୦୮୭୫୦୪୧୪ | ଏନଇ | ୦୭/୦୬/୨୦୨୧ | ଏସି ଓ ସିଏସଆର |
| ୧୦. | ଶ୍ରୀ ସଞ୍ଜୀବ ଗୁପ୍ତା | ୦୯୧୮୦୦୨୯ | ଏନଇ | ୨୮/୦୪/୨୦୨୨ | ଏସି |
| ୧୧. | ଶ୍ରୀ ନରେନ୍ଦ୍ର ନାଥ ମିଶ୍ର | ୦୦୫୭୫୫୦୧ | ଏନଇ | ୧୧/୦୪/୨୦୨୩ | ସିଏସଆର |

ବ୍ୟବହାର କରାଯାଇଥିବା ସଂକ୍ଷେପଣ: ଏନଇ-ନନ୍-ଏକ୍ଜିକ୍ୟୁଟିଭ, ଆଇଡି-ଇଣ୍ଡିପେଣ୍ଡେଣ୍ଟ ଡିରେକ୍ଟର, ଡବ୍ଲ୍ୟୁଡି-ୱିମେନ୍ ଡିରେକ୍ଟର, ଏସି-ଅଡିଟ କମିଟି, ଏନଆରସି-ନୋମିନେସନ ଆଣ୍ଡ ରେମୁନେରସନ୍ କମିଟି ଏବଂ ସିଏସଆର-କର୍ପୋରେଟ ସୋସିଆଲ ରେସ୍ପନ୍ସିବିଲିଟି କମିଟି.

# ପ୍ରକରଣ-୯

## ଅଧିକାରୀ ଓ କର୍ମଚାରୀଙ୍କ ନାମ ସନ୍ନିବିଷ୍ଟ ତାଲିକା

## (ସେକ୍ସନ-୪(୧) (ବି) (୯))

| ଅଫିସ | ପଦବୀ | ଠିକଣା | ବିଭାଗ ମୁଖ୍ୟଙ୍କ ନାମ | ମୋବାଇଲ ନମ୍ବର | ଇମେଲ ଆଇଡି |
|---|---|---|---|---|---|
| କୋର୍ଟପେଟା ଅଫିସ | ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ | କର୍ପୋରେଟେ ଅଫିସ ,ଟିପିଏସ୍ଓଡିଏଲ୍, କୋର୍ଟପେଟା, ବ୍ରହ୍ମପୁର | ଅମିତ କୁମାର ଗର୍ଗ | ୯୮୧୮୧୦୦୫୭୫ | Amit.garg@tpsouthernodisha.com |
| | ଚିଫ୍ ଅପରେସନ | | ମିଲିନ୍ଦ ପ୍ରଭାକର କୁଲକର୍ଣ୍ଣି | ୯୨୨୩୨୨୦୮୩୩ | Mpkulkarni@tpsouthernodisha.com |
| | ଚିଫ୍ ଫାଇନାନ୍ସିଆଲ ଅଫିସର | | ବିଜୟ କୁମାର ମହାନ୍ତି | ୯୬୧୯୦୯୯୨୫ | Bijay.mohanty@tpsouthernodisha.com |
| | ଚିଫ୍-କମର୍ସିଆଲ ସର୍ଭିସ | | ବିଜୟ ପ୍ରକାଶ ଶର୍ମା | ୯୮୧୮୧୦୦୫୭୪ | Vijay.sharma@tpsouthernodisha.com |
| | ଚିଫ୍- କ୍ରୟ ଓ ଷ୍ଟୋର | | ସୁବ୍ରତ ଦେ | ୯୮୧୮୬୦୩୦୬୬ | Subrata.dey@tpsouthernodisha.com |
| | ଚିଫ୍-ଟେକ୍ନୋଲୋଜି | | ବିମାନ କୁମାର ଘୋଷ | ୯୮୧୮୧୦୦୫୭୩ | Biman.ghosh@tpsouthernodisha.com |
| | ଚିଫ୍-ଟେକ୍ନିକାଲ ସର୍ଭିସେସ | | ଧନେଶ୍ୱର ଧର୍ମାଧିକାରୀ | ୯୮୧୮୧୦୦୬୩୪ | Dnyaneshwar.dharmadhikari@tpsouthernodisha. com |
| | ମୁଖ୍ୟ- ମାନବ ସମ୍ବଳ | | ସଞ୍ଜୀବ କୌଶିକ | ୯୯୭୧୩୯୬୩୯୭ | Sanjeev.kaushik@tpsouthernodisha.com |
| | ମୁଖ୍ୟ- ସୁରକ୍ଷା ଓ ଭିଜିଲାନ୍ସ | | ଦଲବୀର ସିଂ ବୈରୱାଲ | ୭୪୦୦୦୩୧୭୩୩ | Dalvir.bairwal@tpsouthernodisha.com |
| | ମୁଖ୍ୟ-ନିୟାମକ | | ସୌମିତ୍ରୀ ଦେ | ୯୦୨୯୦୦୧୭୪୧ | Soumitry.dey@tpsouthernodisha.com |
| | ମୁଖ୍ୟ-ସିଏମଜି ଓ ଏମଏମଜି | | ସୌମିତ୍ର ବାନାର୍ଜୀ | ୯୮୧୦୨୮୧୯୮୨ | Saumitro.banerjee@tpsouthernodisha.com |
| | ମୁଖ୍ୟ-ଡିଓଏସ୍ | | କମଲଦୀପ ମହାଜନ | ୯୯୭୧୩୯୪୮୪୬ | Kamaldeep.mahajan@tpsouthernodisha.com |
| | ଆର୍ଥିକ ନିୟନ୍ତ୍ରକ | | ଦୀପକ ଜୈନ | ୯୯୫୮୧୮୧୩୩୭ | Deepak.jain@tpsouthernodisha.com |
| | ମୁଖ୍ୟ-ଡିଓଏସ | | ଦୀପକ ସିଂ | ୯୯୭୧୩୯୩୮୯୩ | Deepak.singh@tpsouthernodisha.com |
| | ମୁଖ୍ୟ-ପ୍ରୋଜେକ୍ଟ ଓ ପ୍ଲାଣ୍ଟ ଇଞ୍ଜିନିୟରିଂ | | ଅଶୋକ ସରାଫ | ୯୯୭୧୧୫୨୯୫୪ | Ashok.saraf@tpsouthernodisha.com |
| | ମୁଖ୍ୟ-ନେଟୱର୍କ ଇଞ୍ଜିନିୟରିଂ ଓ ପ୍ଲାନିଂ | | ଶିଶିର ଶରଦ ଦିକାୟ | ୯୨୨୩୩୧୧୪୧୮ | Shirish.dikay@tpsouthernodisha.com |
| | ମୁଖ୍ୟ-ପ୍ରି-ଅଡିଟ୍ | | ବିଜୟ କୁମାର | ୯୮୭୧୭୯୮୫୮୨ | Vijay.kumar@tpsouthernodisha.com |
| | ମୁଖ୍ୟ-ଷ୍ଟୋର | | ମୁନିଷ ନାରଦ | ୯୭୧୭୪୩୫୨୨୨ | Munish.narad@tpsouthernodisha.com |
| | ମୁଖ୍ୟ-କ୍ରୟ | | ମନୋଜ କୁମାର ଖରବନ୍ଦା | ୯୯୭୧୩୯୫୧୯୭ | Manoj.kharbanda@tpsouthernodisha.com |
| | ମୁଖ୍ୟ-ଏନଫୋର୍ସମେଣ୍ଟ | | ଶେଲେନ୍ଦ୍ର ସିଂ | ୯୯୭୧୩୯୩୮୭୦ | Shelendra.singh@tpsouthernodisha.com |
| | ମୁଖ୍ୟ-ଏମଏମଜି | | ନିତିନ ମାର୍ଜାର | ୯୯୭୧୩୯୪୯୪୯ | Nitin.marjara@tpsouthernodisha.com |
| | ମୁଖ୍ୟ- ଆର ସି ଏମ | | ଅଭିନବ ଅଗ୍ରୱାଲ | ୯୯୭୧୩୯୫୩୩୬ | Abhinav.aggarwal@tpsouthernodisha.com |
| | ମୁଖ୍ୟ-ସିଭିଲ | | ଉପେନ୍ଦ୍ର ଗୋବିନ୍ଦ ନିମକାର | ୯୦୨୯୫୬୭୯୯୯ | Upendra.nimkar@tpsouthernodisha.com |
| | ମୁଖ୍ୟ-ଅଟୋମେସନ | | ଦୀପା ଅନନ୍ତ ଯୋଶୀ | ୯୨୨୩୨୬୭୩୯୦ | Deepa.joshi@tpsouthernodisha.com |
| | ମୁଖ୍ୟ-ଆଇଟି | | ଏସ୍ ଶିବକୁମାର | ୯୮୧୮୧୦୦୭୨୫ | S.sivakumar@tpsouthernodisha.com |
| | ମୁଖ୍ୟ-ଏନଇପି | | ଏସ୍ କେ ମହମ୍ମଦ ଆଜାମ | ୯୭୧୭୭୧୦୩୬୪ | Azam.sk@tpsouthernodisha.com |
| | ମୁଖ୍ୟ-ଆଇନ | | ସୁନିଲ କୁମାର ସାବତ | ୯୮୯୯୨୮୭୭୭୩ | Sunil.sabat@tpsouthernodisha.com |
| | ମୁଖ୍ୟ-କର୍ପୋରେଟ ସାମାଜିକ ଦାୟିତ୍ୱବୋଧ | | ରଣଧୀର କୁମାର | ୭୭୮୧୦୦୨୨୨୩ | Randhir.kumar@tpsouthernodisha.com |
| | ମୁଖ୍ୟ-କର୍ପୋରେଟ ଯୋଗାଯୋଗ | | ଜ୍ୟୋତି ପ୍ରକାଶ ମହାପାତ୍ର | ୯୪୩୭୦୮୦୦୪୮ | Jyoti.mohapatra@tpsouthernodisha.com |
| | କମ୍ପାନୀ ସେକ୍ରେଟାରୀ | | ଜୀବନ ଜ୍ୟୋତି ନାୟକ | ୯୯୩୦୨୬୮୪୮୬ | Jeevanjyoti.nayak@tpsouthernodisha.com |
| | ବରିଷ୍ଠ ଜେନେରାଲ ମେନେଜର-ଫାଇନାନ୍ସ | | ଲକ୍ଷ୍ମୀଧର ଉପାଧ୍ୟାୟ | ୯୪୩୭୯୫୯୯୨୯ | Laxmidhar.upadhyaya@tpsouthernodisha.com |

| | | | | | |
|---|---|---|---|---|---|
| | ଚିଫ୍ ଇଞ୍ଜିନିୟର-ସରକାରୀ ପ୍ରକଳ୍ପ | | ସିଏଚ୍ ନେତାଜୀ ସୁବୁଦ୍ଧି | ୯୪୩୭୯୫୯୭୫୧ | Netaji.subudhi@tpsouthernodisha.com |
| | ଚିଫ୍ ଇଞ୍ଜିନିୟର-ଏମଆରଟି | | ପ୍ରତାପ କେଶରୀ ସାହୁ | ୮୧୧୪୩୯୫୭୦୩ | Pratap.sahoo@tpsouthernodisha.com |
| | ଜେନେରାଲ ମ୍ୟାନେଜର-ଫାଇନାନ୍ସ | | ସଂଗ୍ରାମ ସାହୁ | ୯୫୩୭୫୭୫୦୦୨ | Sangram.sahu@tpsouthernodisha.com |

| ସିଟି ସର୍କଲ | | | | | |
|---|---|---|---|---|---|
| ଅଫିସ ନାମ | ପଦବୀ | ଠିକଣା | ବିଭାଗ ମୁଖ୍ୟଙ୍କ ନାମ | ମୋବାଇଲ ନମ୍ବର | ଇମେଲ ଆଇଡି |
| ସିଟି ଇଲେକ୍ଟ୍ରିକାଲ ସର୍କଲ, ବ୍ରହ୍ମପୁର | ସୁପରଇଣ୍ଟେଣ୍ଡିଂ ଇଞ୍ଜିନିୟର | ବିଦ୍ୟୁତପୁରୀ କଲୋନୀ, ବ୍ରହ୍ମପୁର | ଶ୍ରୀ ନୃସିଂହ ନାରାୟଣ ପଣ୍ଡା | ୯୧୨୪୫୫୭୨୯୨ | nrusingh.panda@tpso uthernodisha.com |
| ବିଇଡି-୧, ବ୍ରହ୍ମପୁର | ସୁପରଇଣ୍ଟେଣ୍ଡିଂ ଇଞ୍ଜିନିୟର | କୋର୍ଟପେଟା, ବ୍ରହ୍ମପୁର | ଶ୍ରୀ ପ୍ରଭାତ କୁମାର କର | ୯୪୩୭୯୫୯୭୫୫ | prabhat.kar@tpsouthernodisha.com |
| ବିଇଡି -୨, ବ୍ରହ୍ମପୁର | କାର୍ଯ୍ୟନିର୍ବାହୀ ଯନ୍ତ୍ରୀ | କର୍ପୋରେସନ ରୋଡ, ବ୍ରହ୍ମପୁର | ଅର୍ଚ୍ଚନା ଧର | ୯୪୩୭୯୫୯୮୦୨ | archana.Dhar@tpsouthernodisha.com |
| ବିଇଡି-୩, ବ୍ରହ୍ମପୁର | ସୁପରଇଣ୍ଟେଣ୍ଡିଂ ଇଞ୍ଜିନିୟର | ବିଦ୍ୟୁତପୁରୀ କଲୋନୀ, ବ୍ରହ୍ମପୁର | ଶ୍ରୀ ଦେବେଶ ରଞ୍ଜନ ପଣ୍ଡା | ୯୪୩୭୪୮୦୦୧୪ | debesh.panda@tpsouthernodisha.com |
| ବ୍ରହ୍ମପୁର ସର୍କଲ | | | | | |
| ଇଲେକ୍ଟ୍ରିକାଲ ସର୍କଲ, ବ୍ରହ୍ମପୁର | ସୁପରଇଣ୍ଟେଣ୍ଡିଂ ଇଞ୍ଜିନିୟର | ବିଦ୍ୟୁତପୁରୀ କୋଲନୀ, ବ୍ରହ୍ମପୁର | ଶ୍ରୀ ଚନ୍ଦନ ଦାସ | ୮୧୧୪୩୯୫୭୧୦ | chandan.das@tpsouthernodisha.com |
| ଜିଏନଇଡି, ଛତ୍ରପୁର | କାର୍ଯ୍ୟନିର୍ବାହୀ ଯନ୍ତ୍ରୀ | ଛତ୍ରପୁର | ଶ୍ରୀ ରାକେଶ କୁମାର ପାତ୍ର | ୯୪୩୭୯୫୯୭୮୮ | Rakesh.patro@tpsouthernodisha.com |
| ପୁରୁଷୋତ୍ତମପୁର ଡିଭିଜନ | କାର୍ଯ୍ୟନିର୍ବାହୀ ଯନ୍ତ୍ରୀ | ପୁରୁଷୋତ୍ତମପୁର | ଶ୍ରୀ ବିଶ୍ୱ ରଞ୍ଜନ ମହାପାତ୍ର | ୯୪୩୭୫୭୦୦୨୪ | biswa.mahapatra@tpsouthernodisha.com |
| ହିଞ୍ଜିଳି ଡିଭିଜନ | କାର୍ଯ୍ୟନିର୍ବାହୀ ଯନ୍ତ୍ରୀ | ହିଞ୍ଜିଳିକାଟୁ | ଶ୍ରୀ ଗୋପାଳ କୃଷ୍ଣ ପଣ୍ଡା | ୯୪୩୭୫୮୧୨୭୯ | gopal.panda@tpsouthernodisha.com |
| ଷ୍ଟୋର ଡିଭିଜନ | କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଷ୍ଟୋର | ଖଜୁରିଆ, ଜାତୀୟ ରାଜପଥ ୫, ବ୍ରହ୍ମପୁର | ଶ୍ରୀ ଅମୀୟ ରଞ୍ଜନ ଦଳାଇ | ୯୧୨୪୫୫୭୨୭୯ | Amiya.Dalai@tpsouthernodisha.com |
| ଆସିକା ସର୍କଲ | | | | | |
| ଇଲେକ୍ଟ୍ରିକାଲ ସର୍କଲ, ଆସିକା | ସୁପର ଇଣ୍ଟେଣ୍ଡିଂ ଇଞ୍ଜିନିୟର | କଲେଜ ଛକ, ଆସିକା | ଶ୍ରୀ ପ୍ରିୟଦର୍ଶୀ ବେହେରା | ୯୪୩୭୯୫୯୯୪୯ | priyadarsi.behera@tpsouthernodisha.com |
| ଜିଏସଇଡି, ଦିଗପହଣ୍ଡି | କାର୍ଯ୍ୟନିର୍ବାହୀ ଯନ୍ତ୍ରୀ | ଦିଗପହଣ୍ଡି | ଶ୍ରୀ ବିଶ୍ୱ ନାରାୟଣ ରାଉତ | ୯୪୩୭୯୫୯୭୬୨ | biswanarayana.rout@tpsouthernodisha.co m |
| ଏଇଡି-୧, ଆସିକା | କାର୍ଯ୍ୟନିର୍ବାହୀ ଯନ୍ତ୍ରୀ | ଆସିକା | ଶ୍ରୀ ଜଗଜିତ ଦାସ ମହାପାତ୍ର | ୯୪୩୭୯୫୯୮୧୩ | Jd.mohapatra@tpsouthernodisha.com |
| ଏଇଡି-୨, କବିସୂର୍ଯ୍ୟନଗର | ଏସଇ/ ଏଜିଏମ୍ | କବିସୂର୍ଯ୍ୟ ନଗର | ଶ୍ରୀ ଗଙ୍ଗା ଗୌରୀ ପ୍ରସାଦ ପଟ୍ଟନାୟକ | ୯୪୩୭୫୭୦୪୯୩ | ganga.patnaik@tpsouthernodisha.com |
| ଭଞ୍ଜନଗର ସର୍କଲ | | | | | |
| ଇଲେକ୍ଟ୍ରିକାଲ ସର୍କଲ, ଭଞ୍ଜନଗର | ସୁପର ଇଣ୍ଟେଣ୍ଡିଂ ଇଞ୍ଜିନିୟର | ଭଞ୍ଜନଗର | ଶ୍ରୀ ଅଭିଜିତ ପାଢ଼ୀ | ୯୪୩୭୯୫୯୭୫୨ | abhijit.padhi@tpsouthernodisha.com |
| ଭଞ୍ଜନଗର ଡିଭିଜନ | କାର୍ଯ୍ୟନିର୍ବାହୀ ଯନ୍ତ୍ରୀ | ଭଞ୍ଜନଗର | ଶ୍ରୀ ତପନ କୁମାର ସୁଆର | ୯୪୩୭୯୫୯୯୦୧ | Tapan.Suar@tpsouthernodisha.com |
| ଫୁଲବାଣୀ ଡିଭିଜନ | ଏସଇ/ଏଜିଏମ | ଫୁଲବାଣୀ | ଶ୍ରୀ ମନୋଜ କୁମାର ମହାନ୍ତି | ୯୪୩୭୯୫୯୯୧୫ | manoj.mohanty@tps outhernodisha.com |
| ବୌଦ୍ଧ ଡିଭିଜନ | କାର୍ଯ୍ୟନିର୍ବାହୀ ଯନ୍ତ୍ରୀ | ବୌଦ୍ଧ | ଶ୍ରୀ ଅମରେନ୍ଦ୍ର କୁମାର ସାହୁ, | ୯୪୩୭୯୫୯୯୦୫ | amarendra.sahoo@tpsouthernodisha.com |

| ରାୟଗଡ଼ ସର୍କଲ | | | | | |
|---|---|---|---|---|---|
| ଇଲେକ୍ଟ୍ରିକାଲ ସର୍କଲ, ରାୟଗଡ଼ା | ସୁପର ଇଣ୍ଟେଣ୍ଡିଂ ଇଞ୍ଜିନିୟର | ରାୟଗଡ଼ | ଶ୍ରୀ ନରୋତ୍ତମ ପଟନାୟକ | ୯୪୩୭୯୫୯୮୧୦ | narottama.patnaik@tpsouthernodisha.com |
| ପାରଳାଖେମୁଣ୍ଡି ଡିଭିଜନ | କାର୍ଯ୍ୟନିର୍ବାହୀ ଯନ୍ତ୍ରୀ | ପାରଳାଖେମୁଣ୍ଡି | ଶ୍ରୀ ରାଜେନ୍ଦ୍ର ବେହେରା | ୯୪୩୭୯୫୯୯୭୫ | rajendra.behera@tpsouthernodisha.com |
| ରାୟଗଡ଼ା ଡିଭିଜନ | କାର୍ଯ୍ୟନିର୍ବାହୀ ଯନ୍ତ୍ରୀ | ରାୟଗଡ଼ | ଶ୍ରୀ ସୁଶାନ୍ତ କୁମାର ସାହୁ | ୯୪୩୭୯୫୯୯୫୯ | Susanta.Sahu@tpsouthernodisha.com |
| ଗୁଣପୁର ଡିଭିଜନ | କାର୍ଯ୍ୟନିର୍ବାହୀ ଯନ୍ତ୍ରୀ | ଗୁଣପୁର | ଶ୍ରୀ ସୁନୀଲ କୁମାର ରାଉତ | ୯୪୩୭୭୫୭୦୨୯୩ | sunil.rout@tpsouthernodisha.com |

| ଜୟପୁର ସର୍କଲ | | | | | |
|---|---|---|---|---|---|
| ଇଲେକ୍ଟ୍ରିକାଲ ସର୍କଲ, ଜୟପୁର | ସୁପରଇଣ୍ଟେଣ୍ଡିଂ ଇଞ୍ଜିନିୟର | ଜୟପୁର | ଶ୍ରୀ ମନ୍ମଥ ନାଥ ମିଶ୍ର, ଡିଜିଏମ | ୯୪୩୭୯୫୯୮୪୯ | manmath.mishra@tpsouthernodisha.com |
| ଜୟପୁର ଡିଭିଜନ | କାର୍ଯ୍ୟନିର୍ବାହୀ ଯନ୍ତ୍ରୀ | ଜୟପୁର | ଶ୍ରୀ ବରୁଣ ଚୌଧୁରୀ | ୯୪୩୭୯୫୯୮୬୮ | varun.choudhury@tpsouthernodisha.com |
| ନବରଙ୍ଗପୁର ଡିଭିଜନ | କାର୍ଯ୍ୟନିର୍ବାହୀ ଯନ୍ତ୍ରୀ | ନବରଙ୍ଗପୁର | ଶ୍ରୀ ଅଶୋକ କୁମାର ରାଉତ | ୯୪୩୭୯୫୯୬୧୯ | Ashok.Rout@tpsouthernodisha.com |
| ମାଲକାନଗିରି ଡିଭିଜନ | କାର୍ଯ୍ୟନିର୍ବାହୀ ଯନ୍ତ୍ରୀ | ମାଲକାନଗିରି | ଶ୍ରୀ ଆଶିଷ କୁମାର ଜେନା | ୯୪୩୭୯୫୯୮୪୬ | Ashis.Jena@tpsouthernodisha.com |
| କୋରାପୁଟ ଡିଭିଜନ | କାର୍ଯ୍ୟନିର୍ବାହୀ ଯନ୍ତ୍ରୀ | କୋରାପୁଟ | ଶ୍ରୀ ଭଗବାନ ପ୍ରଧାନ | ୯୪୩୭୫୭୦୦୩୭ | bhagaban.pradhan@tpsouthernodisha.com |
| ଜିଆରଏଫ୍ ବିବରଣୀ | | | | | |
| ଅଧ୍ୟକ୍ଷ, ଜିଆରଏଫ୍, ବ୍ରହ୍ମପୁର | | ସିଟି ସର୍କଲ/ ବ୍ରହ୍ମପୁର ସର୍କଲ | ଅପର୍ଣ୍ଣା ରାଉତ | ୯୪୩୭୯୫୯୬୬ | Aparna.Raut@tpsouthernodisha.com |
| ଅଧ୍ୟକ୍ଷ, ଜିଆରଏଫ୍, ଭଞ୍ଜନଗର | | ଭଞ୍ଜନଗର ସର୍କଲ/ ଆସିକା ସର୍କଲ | ଶ୍ରୀ ମହମ୍ମଦ ସରୱାର ସିଦ୍ଦିକି | ୯୪୩୭୪୮୪୮୬୯ | Sarwar.sadique@tpsouthernodisha.com |
| ଅଧ୍ୟକ୍ଷ, ଜିଆରଏଫ୍ ରାୟଗଡ଼ା | | ରାୟଗଡ଼ ସର୍କଲ | ଶ୍ରୀ ପ୍ରତାପ କେଶରୀ ନାୟକ | ୯୪୩୭୧୨୭୪୨୫ | Pratap.Nayak@tpsouthernodisha.com |
| ଅଧ୍ୟକ୍ଷ, ଜିଆରଏଫ୍, ଜୟପୁର | | ଜୟପୁର ସର୍କଲ | ଶ୍ରୀ ଟି. ତପନରଶ୍ମି ସୁବୁଦ୍ଧି | ୯୪୩୭୯୫୯୬୩୯ | T.Tapanrasmi.Subudhi @tpsouthernodisha.com |

# ପ୍ରକରଣ-୧୦

## ଅଧିକାରୀ ଓ କର୍ମଚାରୀଙ୍କ ମାସିକ ପାରିଶ୍ରମିକ ଓ କ୍ଷତିପୂରଣ

## ( ସେକ୍ସନ-୪(୧) (ବି) (୧୦) )

| ତତ୍କାଳୀନ ସାଉଥକୋ(ବର୍ତ୍ତମାନ ଟିପିଏସଓଡିଏଲ)ର ନନ୍ - ଏକଜିକ୍ୟୁଟିଭଙ୍କ ପେ ମ୍ୟାଟ୍ରିକ୍ସ | | | | | | | | |
|---|---|---|---|---|---|---|---|---|
| ପେ ସ୍କେଲ୍ (ପୁରୁଣା) | ୪୪୪୦-୧୪୬୮୦ | ୫୨୦୦-୨୦୨୦୦ | | | | | | ୯୩୦୦-୩୪୮୦୦ |
| ଗ୍ରେଡ ପେ | ୧୭୮୦ | ୧୯୩୦ | ୨୧୩୦ | ୨୪୩୦ | ୨୫୩୦ | ୨୮୩୦ | ୩୩୩୦ | ୪୨୦୦ |
| ଲେଭେଲ | ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୭୨୦୦ | ୧୯୯୦୦ | ୨୨୭୦୦ | ୨୫୫୦୦ | ୨୬୪୦୦ | ୨୯୨୦୦ | ୩୧୪୦୦ | ୩୫୪୦୦ |
| ୨ | ୧୭୭୦୦ | ୨୦୫୦୦ | ୨୩୪୦୦ | ୨୬୩୦୦ | ୨୭୨୦୦ | ୩୦୧୦୦ | ୩୨୩୦୦ | ୩୬୫୦୦ |
| ୩ | ୧୮୨୦୦ | ୨୧୧୦୦ | ୨୪୧୦୦ | ୨୭୧୦୦ | ୨୮୦୦୦ | ୩୧୦୦୦ | ୩୩୩୦୦ | ୩୭୬୦୦ |
| ୪ | ୧୮୭୦୦ | ୨୧୭୦୦ | ୨୪୮୦୦ | ୨୭୯୦୦ | ୨୮୮୦୦ | ୩୧୯୦୦ | ୩୪୩୦୦ | ୩୮୭୦୦ |
| ୫ | ୧୯୩୦୦ | ୨୨୪୦୦ | ୨୫୫୦୦ | ୨୮୭୦୦ | ୨୯୭୦୦ | ୩୨୯୦୦ | ୩୫୩୦୦ | ୩୯୯୦୦ |
| ୬ | ୧୯୯୦୦ | ୨୩୧୦୦ | ୨୬୩୦୦ | ୨୯୬୦୦ | ୩୦୬୦୦ | ୩୩୯୦୦ | ୩୬୪୦୦ | ୪୧୧୦୦ |
| ୭ | ୨୦୫୦୦ | ୨୩୮୦୦ | ୨୭୧୦୦ | ୩୦୫୦୦ | ୩୧୫୦୦ | ୩୪୯୦୦ | ୩୭୫୦୦ | ୪୨୩୦୦ |
| ୮ | ୨୧୧୦୦ | ୨୪୫୦୦ | ୨୭୯୦୦ | ୩୧୪୦୦ | ୩୨୪୦୦ | ୩୫୯୦୦ | ୩୮୬୦୦ | ୪୩୬୦୦ |
| ୯ | ୨୧୭୦୦ | ୨୫୨୦୦ | ୨୮୭୦୦ | ୩୨୩୦୦ | ୩୩୪୦୦ | ୩୭୦୦୦ | ୩୯୮୦୦ | ୪୪୯୦୦ |
| ୧୦ | ୨୨୪୦୦ | ୨୬୦୦୦ | ୨୯୬୦୦ | ୩୩୩୦୦ | ୩୪୪୦୦ | ୩୮୧୦୦ | ୪୧୦୦୦ | ୪୬୨୦୦ |
| ୧୧ | ୨୩୧୦୦ | ୨୬୮୦୦ | ୩୦୫୦୦ | ୩୪୩୦୦ | ୩୫୪୦୦ | ୩୯୨୦୦ | ୪୨୨୦୦ | ୪୭୬୦୦ |
| ୧୨ | ୨୩୮୦୦ | ୨୭୬୦୦ | ୩୧୪୦୦ | ୩୫୩୦୦ | ୩୬୫୦୦ | ୪୦୪୦୦ | ୪୩୫୦୦ | ୪୯୦୦୦ |
| ୧୩ | ୨୪୫୦୦ | ୨୮୪୦୦ | ୩୨୩୦୦ | ୩୬୪୦୦ | ୩୭୬୦୦ | ୪୧୬୦୦ | ୪୪୮୦୦ | ୫୦୫୦୦ |
| ୧୪ | ୨୫୨୦୦ | ୨୯୩୦୦ | ୩୩୩୦୦ | ୩୭୫୦୦ | ୩୮୭୦୦ | ୪୨୮୦୦ | ୪୬୧୦୦ | ୫୨୦୦୦ |
| ୧୫ | ୨୬୦୦୦ | ୩୦୨୦୦ | ୩୪୩୦୦ | ୩୮୬୦୦ | ୩୯୯୦୦ | ୪୪୧୦୦ | ୪୭୫୦୦ | ୫୩୬୦୦ |
| ୧୬ | ୨୬୮୦୦ | ୩୧୧୦୦ | ୩୫୩୦୦ | ୩୯୮୦୦ | ୪୧୧୦୦ | ୪୫୪୦୦ | ୪୮୯୦୦ | ୫୫୨୦୦ |
| ୧୭ | ୨୭୬୦୦ | ୩୨୦୦୦ | ୩୬୪୦୦ | ୪୧୦୦୦ | ୪୨୩୦୦ | ୪୬୮୦୦ | ୫୦୪୦୦ | ୫୬୯୦୦ |
| ୧୮ | ୨୮୪୦୦ | ୩୩୦୦୦ | ୩୭୫୦୦ | ୪୨୨୦୦ | ୪୩୬୦୦ | ୪୮୨୦୦ | ୫୧୯୦୦ | ୫୮୬୦୦ |
| ୧୯ | ୨୯୩୦୦ | ୩୪୦୦୦ | ୩୮୬୦୦ | ୪୩୫୦୦ | ୪୪୯୦୦ | ୪୯୬୦୦ | ୫୩୫୦୦ | ୬୦୪୦୦ |
| ୨୦ | ୩୦୨୦୦ | ୩୫୦୦୦ | ୩୯୮୦୦ | ୪୪୮୦୦ | ୪୬୨୦୦ | ୫୧୧୦୦ | ୫୫୧୦୦ | ୬୨୨୦୦ |
| ୨୧ | ୩୧୧୦୦ | ୩୬୧୦୦ | ୪୧୦୦୦ | ୪୬୧୦୦ | ୪୭୬୦୦ | ୫୨୬୦୦ | ୫୬୮୦୦ | ୬୪୧୦୦ |
| ୨୨ | ୩୨୦୦୦ | ୩୭୨୦୦ | ୪୨୨୦୦ | ୪୭୫୦୦ | ୪୯୦୦୦ | ୫୪୨୦୦ | ୫୮୫୦୦ | ୬୬୦୦୦ |
| ୨୩ | ୩୩୦୦୦ | ୩୮୩୦୦ | ୪୩୫୦୦ | ୪୮୯୦୦ | ୫୦୫୦୦ | ୫୫୮୦୦ | ୬୦୩୦୦ | ୬୮୦୦୦ |
| ୨୪ | ୩୪୦୦୦ | ୩୯୪୦୦ | ୪୪୮୦୦ | ୫୦୪୦୦ | ୫୨୦୦୦ | ୫୭୫୦୦ | ୬୨୧୦୦ | ୭୦୦୦୦ |
| ୨୫ | ୩୫୦୦୦ | ୪୦୬୦୦ | ୪୬୧୦୦ | ୫୧୯୦୦ | ୫୩୬୦୦ | ୫୯୨୦୦ | ୬୪୦୦୦ | ୭୨୧୦୦ |
| ୨୬ | ୩୬୧୦୦ | ୪୧୮୦୦ | ୪୭୫୦୦ | ୫୩୫୦୦ | ୫୫୨୦୦ | ୬୧୦୦୦ | ୬୫୯୦୦ | ୭୪୩୦୦ |
| ୨୭ | ୩୭୨୦୦ | ୪୩୧୦୦ | ୪୮୯୦୦ | ୫୫୧୦୦ | ୫୬୯୦୦ | ୬୨୮୦୦ | ୬୭୯୦୦ | ୭୬୫୦୦ |
| ୨୮ | ୩୮୩୦୦ | ୪୪୪୦୦ | ୫୦୪୦୦ | ୫୬୮୦୦ | ୫୮୬୦୦ | ୬୪୭୦୦ | ୬୯୯୦୦ | ୭୮୮୦୦ |
| ୨୯ | ୩୯୪୦୦ | ୪୫୭୦୦ | ୫୧୯୦୦ | ୫୮୫୦୦ | ୬୦୪୦୦ | ୬୬୬୦୦ | ୭୨୦୦୦ | ୮୧୨୦୦ |
| ୩୦ | ୪୦୬୦୦ | ୪୭୧୦୦ | ୫୩୫୦୦ | ୬୦୩୦୦ | ୬୨୨୦୦ | ୬୮୬୦୦ | ୭୪୨୦୦ | ୮୩୬୦୦ |
| ୩୧ | ୪୧୮୦୦ | ୪୮୫୦୦ | ୫୫୧୦୦ | ୬୨୧୦୦ | ୬୪୧୦୦ | ୭୦୭୦୦ | ୭୬୪୦୦ | ୮୬୧୦୦ |
| ୩୨ | ୪୩୧୦୦ | ୫୦୦୦୦ | ୫୬୮୦୦ | ୬୪୦୦୦ | ୬୬୦୦୦ | ୭୨୮୦୦ | ୭୮୭୦୦ | ୮୮୭୦୦ |
| ୩୩ | ୪୪୪୦୦ | ୫୧୫୦୦ | ୫୮୫୦୦ | ୬୫୯୦୦ | ୬୮୦୦୦ | ୭୫୦୦୦ | ୮୧୧୦୦ | ୯୧୪୦୦ |
| ୩୪ | ୪୫୭୦୦ | ୫୩୦୦୦ | ୬୦୩୦୦ | ୬୭୯୦୦ | ୭୦୦୦୦ | ୭୭୩୦୦ | ୮୩୫୦୦ | ୯୪୧୦୦ |
| ୩୫ | ୪୭୧୦୦ | ୫୪୬୦୦ | ୬୨୧୦୦ | ୬୯୯୦୦ | ୭୨୧୦୦ | ୭୯୬୦୦ | ୮୬୦୦୦ | ୯୬୯୦୦ |
| ୩୬ | ୪୮୫୦୦ | ୫୬୨୦୦ | ୬୪୦୦୦ | ୭୨୦୦୦ | ୭୪୩୦୦ | ୮୨୦୦୦ | ୮୮୬୦୦ | ୯୯୮୦୦ |
| ୩୭ | ୫୦୦୦୦ | ୫୭୯୦୦ | ୬୫୯୦୦ | ୭୪୨୦୦ | ୭୬୫୦୦ | ୮୪୫୦୦ | ୯୧୩୦୦ | ୧୦୨୮୦୦ |
| ୩୮ | ୫୧୫୦୦ | ୫୯୬୦୦ | ୬୭୯୦୦ | ୭୬୪୦୦ | ୭୮୮୦୦ | ୮୭୦୦୦ | ୯୪୦୦୦ | ୧୦୫୯୦୦ |
| ୩୯ | ୫୩୦୦୦ | ୬୧୪୦୦ | ୬୯୯୦୦ | ୭୮୭୦୦ | ୮୧୨୦୦ | ୮୯୬୦୦ | ୯୬୮୦୦ | ୧୦୯୧୦୦ |
| ୪୦ | ୫୪୬୦୦ | ୬୩୨୦୦ | ୭୨୦୦୦ | ୮୧୧୦୦ | ୮୩୬୦୦ | ୯୨୩୦୦ | ୯୯୭୦୦ | ୧୧୨୪୦୦ |

## ତତ୍କାଳୀନ ସାଉଥକୋ(ବର୍ତ୍ତମାନ ଟିପିଏସଓଡିଏଲ)ର ଏକଜିକ୍ୟୁଟିଭଙ୍କ ପେ ମ୍ୟାଟ୍ରିକ୍ସ

| ପେ ବ୍ୟାଣ୍ଡ (ପୁରୁଣା) | ୯୩୦୦-୩୪୮୦୦ | ୧୫୬୦୦-୩୯୧୦୦ | | | ୩୭୪୦୦-୬୭୦୦୦ | | |
|---|---|---|---|---|---|---|---|
| ଗ୍ରେଡ ପେ | ୪୬୦୦ | ୫୪୦୦ | ୬୬୦୦ | ୭୬୦୦ | ୮୭୦୦ | ୮୮୦୦ | ୯୦୦୦ |
| ଉପଲବ୍ଧ ଗ୍ରେଡ | ଇ-୨ | ଇ -୩ ଓ ଇ -୪ | ଇ -୫ ଓ ଇ -୬ | ଇ-୭ | ଇ-୮ | ଇ-୯ | ଇ-୧୦ |
| ଲେଭେଲ୍ (ନୂତନ) | ଇଇ-୧ | ଇଇ-୨ | ଇଇ-୩ | ଇଇ-୪ | ଇଇ-୫ | ଇଇ-୬ | ଇଇ-୭ |
| ୧ | ୪୪୯୦୦ | ୫୬୧୦୦ | ୬୭୭୦୦ | ୭୮୮୦୦ | ୧୨୩୧୦୦ | ୧୨୭୧୦୦ | ୧୩୫୧୦୦ |
| ୨ | ୪୬୨୦୦ | ୫୭୮୦୦ | ୬୯୭୦୦ | ୮୧୨୦୦ | ୧୨୬୮୦୦ | ୧୩୦୯୦୦ | ୧୩୯୨୦୦ |
| ୩ | ୪୭୬୦୦ | ୫୯୫୦୦ | ୭୧୮୦୦ | ୮୩୬୦୦ | ୧୩୦୬୦୦ | ୧୩୪୮୦୦ | ୧୪୩୪୦୦ |
| ୪ | ୪୯୦୦୦ | ୬୧୩୦୦ | ୭୪୦୦୦ | ୮୬୧୦୦ | ୧୩୪୫୦୦ | ୧୩୮୮୦୦ | ୧୪୭୭୦୦ |
| ୫ | ୫୦୫୦୦ | ୬୩୧୦୦ | ୭୬୨୦୦ | ୮୮୭୦୦ | ୧୩୮୫୦୦ | ୧୪୩୦୦୦ | ୧୫୨୧୦୦ |
| ୬ | ୫୨୦୦୦ | ୬୫୦୦୦ | ୭୮୫୦୦ | ୯୧୪୦୦ | ୧୪୨୭୦୦ | ୧୪୭୩୦୦ | ୧୫୬୭୦୦ |
| ୭ | ୫୩୬୦୦ | ୬୭୦୦୦ | ୮୦୯୦୦ | ୯୪୧୦୦ | ୧୪୭୦୦୦ | ୧୫୧୭୦୦ | ୧୬୧୪୦୦ |
| ୮ | ୫୫୨୦୦ | ୬୯୦୦୦ | ୮୩୩୦୦ | ୯୬୯୦୦ | ୧୫୧୪୦୦ | ୧୫୬୩୦୦ | ୧୬୬୨୦୦ |
| ୯ | ୫୬୯୦୦ | ୭୧୧୦୦ | ୮୫୮୦୦ | ୯୯୮୦୦ | ୧୫୫୯୦୦ | ୧୬୧୦୦୦ | ୧୭୧୨୦୦ |
| ୧୦ | ୫୮୬୦୦ | ୭୩୨୦୦ | ୮୮୪୦୦ | ୧୦୨୮୦୦ | ୧୬୦୬୦୦ | ୧୬୫୮୦୦ | ୧୭୬୩୦୦ |
| ୧୧ | ୬୦୪୦୦ | ୭୫୪୦୦ | ୯୧୧୦୦ | ୧୦୫୯୦୦ | ୧୬୫୪୦୦ | ୧୭୦୮୦୦ | ୧୮୧୬୦୦ |
| ୧୨ | ୬୨୨୦୦ | ୭୭୭୦୦ | ୯୩୮୦୦ | ୧୦୯୧୦୦ | ୧୭୦୪୦୦ | ୧୭୫୯୦୦ | ୧୮୭୦୦୦ |
| ୧୩ | ୬୪୧୦୦ | ୮୦୦୦୦ | ୯୬୬୦୦ | ୧୧୨୪୦୦ | ୧୭୫୫୦୦ | ୧୮୧୨୦୦ | ୧୯୨୬୦୦ |
| ୧୪ | ୬୬୦୦୦ | ୮୨୪୦୦ | ୯୯୫୦୦ | ୧୧୫୮୦୦ | ୧୮୦୮୦୦ | ୧୮୬୬୦୦ | ୧୯୮୪୦୦ |
| ୧୫ | ୬୮୦୦୦ | ୮୪୯୦୦ | ୧୦୨୫୦୦ | ୧୧୯୩୦୦ | ୧୮୬୨୦୦ | ୧୯୨୨୦୦ | ୨୦୪୪୦୦ |
| ୧୬ | ୭୦୦୦୦ | ୮୭୪୦୦ | ୧୦୫୬୦୦ | ୧୨୨୯୦୦ | ୧୯୧୮୦୦ | ୧୯୮୦୦୦ | ୨୧୦୫୦୦ |
| ୧୭ | ୭୨୧୦୦ | ୯୦୦୦୦ | ୧୦୮୮୦୦ | ୧୨୬୬୦୦ | ୧୯୭୬୦୦ | ୨୦୩୯୦୦ | ୨୧୬୮୦୦ |
| ୧୮ | ୭୪୩୦୦ | ୯୨୭୦୦ | ୧୧୨୧୦୦ | ୧୩୦୪୦୦ | ୨୦୩୫୦୦ | ୨୧୦୦୦୦ | |
| ୧୯ | ୭୬୫୦୦ | ୯୫୫୦୦ | ୧୧୫୫୦୦ | ୧୩୪୩୦୦ | ୨୦୯୬୦୦ | ୨୧୬୩୦୦ | |
| ୨୦ | ୭୮୮୦୦ | ୯୮୪୦୦ | ୧୧୯୦୦୦ | ୧୩୮୩୦୦ | ୨୧୫୯୦୦ | | |
| ୨୧ | ୮୧୨୦୦ | ୧୦୧୪୦୦ | ୧୨୨୬୦୦ | ୧୪୨୪୦୦ | | | |
| ୨୨ | ୮୩୬୦୦ | ୧୦୪୪୦୦ | ୧୨୬୩୦୦ | ୧୪୬୭୦୦ | | | |
| ୨୩ | ୮୬୧୦୦ | ୧୦୭୫୦୦ | ୧୩୦୧୦୦ | ୧୫୧୧୦୦ | | | |
| ୨୪ | ୮୮୭୦୦ | ୧୧୦୭୦୦ | ୧୩୪୦୦୦ | ୧୫୫୬୦୦ | | | |
| ୨୫ | ୯୧୪୦୦ | ୧୧୪୦୦୦ | ୧୩୮୦୦୦ | ୧୬୦୩୦୦ | | | |
| ୨୬ | ୯୪୧୦୦ | ୧୧୭୪୦୦ | ୧୪୨୧୦୦ | ୧୬୫୧୦୦ | | | |
| ୨୭ | ୯୬୯୦୦ | ୧୨୦୯୦୦ | ୧୪୬୪୦୦ | ୧୭୦୧୦୦ | | | |
| ୨୮ | ୯୯୮୦୦ | ୧୨୪୫୦୦ | ୧୫୦୮୦୦ | ୧୭୫୨୦୦ | | | |
| ୨୯ | ୧୦୨୮୦୦ | ୧୨୮୨୦୦ | ୧୫୫୩୦୦ | ୧୮୦୫୦୦ | | | |
| ୩୦ | ୧୦୫୯୦୦ | ୧୩୨୦୦୦ | ୧୬୦୦୦୦ | ୧୮୫୯୦୦ | | | |
| ୩୧ | ୧୦୯୧୦୦ | ୧୩୬୦୦୦ | ୧୬୪୮୦୦ | ୧୯୧୫୦୦ | | | |
| ୩୨ | ୧୧୨୪୦୦ | ୧୪୦୧୦୦ | ୧୬୯୭୦୦ | ୧୯୭୨୦୦ | | | |
| ୩୩ | ୧୧୫୮୦୦ | ୧୪୪୩୦୦ | ୧୭୪୮୦୦ | ୨୦୩୧୦୦ | | | |
| ୩୪ | ୧୧୯୩୦୦ | ୧୪୮୬୦୦ | ୧୮୦୦୦୦ | ୨୦୯୨୦୦ | | | |
| ୩୫ | ୧୨୨୯୦୦ | ୧୫୩୧୦୦ | ୧୮୫୪୦୦ | | | | |
| ୩୬ | ୧୨୬୬୦୦ | ୧୫୭୭୦୦ | ୧୯୧୦୦୦ | | | | |
| ୩୭ | ୧୩୦୪୦୦ | ୧୬୨୪୦୦ | ୧୯୬୭୦୦ | | | | |
| ୩୮ | ୧୩୪୩୦୦ | ୧୬୭୩୦୦ | ୨୦୨୬୦୦ | | | | |
| ୩୯ | ୧୩୮୩୦୦ | ୧୭୨୩୦୦ | ୨୦୮୭୦୦ | | | | |
| ୪୦ | ୧୪୨୪୦୦ | ୧୭୭୫୦୦ | | | | | |

# ପ୍ରକରଣ-୧୧

## ପ୍ରତ୍ୟେକ ଏଜେନ୍ସିକୁ ମଞ୍ଜୁର ହୋଇଥିବା ବଜେଟ୍
## (ସେକ୍ସନ-୪(୧) (ବି) (୧୧))

ଓଇଆରସିଙ୍କ ନିକଟରେ ବାର୍ଷିକ ରେଭେନ୍ୟୁ ଆବଶ୍ୟକତା ଉପସ୍ଥାପନ କରାଯାଇଥିଲା ଏବଂ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଆରଏସଟି ଅର୍ଡରର ରେଭେନ୍ୟୁ ଆବଶ୍ୟକତା ଓ ନୋଟିଫିକେସନ ଅନୁମୋଦନ ପରେ ଏହାକୁ ପାଳନ କରାଯାଉଛି ।

### ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଟିପିଏସଓଡିଏଲର ରେଭେନ୍ୟୁ ଆବଶ୍ୟକତା

| ଟିପିଏସଓଡିଏଲ | | | କୋଟିରେ |
|---|---|---|---|
| **ବ୍ୟୟ** | ଅନୁମୋଦିତ ୨୦୨୩-୨୪ | ପ୍ରସ୍ତାବିତ ୨୦୨୪-୨୫ | ଅନୁମୋଦିତ ୨୦୨୪-୨୫ |
| ବିଦ୍ୟୁତ୍ କ୍ରୟ ମୂଲ୍ୟ | ୧୦୩୩.୨୦ | ୧୦୩୨.୬୮ | ୯୮୪.୮୦ |
| ସଞ୍ଚାରଣ ମୂଲ୍ୟ | ୧୧୮.୦୮ | ୧୧୮.୦୨ | ୧୧୮. ୧୮ |
| ଏସଏଲଡିସି ମୂଲ୍ୟ | ୦.୭୬ | ୦.୭୬ | ୦. ୯୭ |
| **ମୋଟ ବିଦ୍ୟୁତ୍ କ୍ରୟ, ସଞ୍ଚାରଣ ଓ ଏସଏଲଡିସି ମୂଲ୍ୟ (ଏ)** | **୧୧୫୨.୦୪** | **୧୧୫୧.୪୬** | **୧୧୦୩. ୯୪** |
| କର୍ମଚାରୀ ମୂଲ୍ୟ | ୫୨୬. ୦୦ | ୫୭୫.୩୯ | ୫୦୧.୩୬ |
| ମରାମତି ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ | ୧୫୨.୫୭ | ୧୯୪.୦୦ | ୧୬୫.୨୪ |
| ପ୍ରଶାସନିକ ଓ ଜେନେରାଲ ଖର୍ଚ୍ଚ | ୧୧୨.୬୬ | ୧୩୧.୪୦ | ୧୨୦.୫୪ |
| ଖରାପ ଓ ସନ୍ଦେହ ଜନକ ଋଣ ପ୍ରୋଭିଜନ | ୧୯.୯୧ | ୨୦.୭୭ | ୨୦.୨୪ |
| ମୂଲ୍ୟହ୍ରାସ | ୫୨.୧୫ | ୯୯.୦୩ | ୬୭.୧୫ |
| ଏସ.ଡି ଉପରେ ସୁଧକୁ ମିଶାଇ ଋଣ ଉପରେ ସୁଧ | ୬୩.୭୮ | ୧୦୦.୫୦ | ୮୨.୩୬ |
| **ମୋଟ ଅପରେସନ ଓ ରକ୍ଷଣାବେକ୍ଷଣ ଏବଂ ଅନ୍ୟାନ୍ୟ ମୂଲ୍ୟ** | **୯୨୭.୦୬** | **୧୧୨୧.୦୯** | **୯୫୬.୮୮** |
| ବିଯୁକ୍ତ : ପୁଞ୍ଜିକୃତ କର୍ମଚାରୀ ମୂଲ୍ୟ | ୩୦.୨୪ | ୩୫.୯୦ | ୩୫.୯୦ |
| ବିଯୁକ୍ତ: ପୁଞ୍ଜିକୃତ ସୁଧ | ୪.୦୦ | - | - |
| ଅଂଶଧନର ରିଟର୍ଣ୍ଣ | ୩୯.୬୭ | ୯୦.୨୬ | ୭୩.୧୨ |
| ଅଂଶଧନର ରିଟର୍ଣ୍ଣ ଉପରେ ଟିକସ | - | ୩୦.୩୬ | ୨୦.୧୧ |
| ନିୟାମକ ଆସେଟ ଓ ଲିଆବିଲିଟି ଉପରେ ଖର୍ଚ୍ଚ | - | - | - |
| **ମୋଟ ବିତରଣ ମୂଲ୍ୟ** | **୯୩୨.୪୯** | **୧୨୦୫.୮୧** | **୧୦୧୪.୨୧** |
| ବିଯୁକ୍ତ : ଅନ୍ୟାନ୍ୟ ପ୍ରାପ୍ତି/ନନ୍ ଟାରିଫ ଆୟ | ୫୫.୮୨ | ୫୪.୬୨ | ୫୪.୬୧ |
| **ପ୍ରକୃତ ବିତରଣ ମୂଲ୍ୟ ( ବି )** | **୮୭୬.୬୭** | **୧୧୫୧.୧୯** | **୯୫୯.୬୦** |
| **ମୋଟ ରେଭେନ୍ୟୁ ଆବଶ୍ୟକତା ( ଏ+ବି)** | **-** | **୨୩୦୨.୬୫** | **୨୦୬୩.୫୪** |
| **ପ୍ରତ୍ୟାଶିତ ରେଭେନ୍ୟୁ (ପୁରା ବର୍ଷ )** | **୧୯୯୦.୭୭** | **୨୦୭୭.୧୫** | **୨୦୨୩.୫୪** |
| **ଜିଏପି (+ବଳକା/-ନିଅଣ୍ଟ)** | **-** | **-୨୨୫.୫୦** | **-୪୦.୦୦** |

# ପ୍ରକରଣ-୧୨

ସବସିଡି ଯୋଜନାର କାର୍ଯ୍ୟକାରୀ ପଦ୍ଧତି

(ସେକ୍ସନ-୪(୧) (ବି) (୧୨))

ରାଜ୍ୟ ସରକାରଙ୍କ ତରଫରୁ କମ୍ପାନୀକୁ କୌଣସି ପ୍ରତ୍ୟକ୍ଷ ସବସିଡି ଦିଆଯାଉନାହିଁ। ଓଇଆରସି ପ୍ରତିବର୍ଷ ରିଟେଲ୍ ଯୋଗାଣ ଟାରିଫ ସ୍ଥିର କରିବା ସମୟରେ କୁଟୀରଜ୍ୟୋତି(ବିପିଏଲ୍), ଘରୋଇ, ଜଳସେଚନ, ଷ୍ଟ୍ରିଟ ଲାଇଟ ଇତ୍ୟାଦିର ସୁବିଧା ନେଉଥିବା ଉପଭୋକ୍ତାଙ୍କ ତାରିଫ ଏଭଳି ଭାବେ ସ୍ଥିର କରିଥାଏ, ଯେପରିକି  ସେସବୁ ରିହାତି ଅନ୍ୟ ବର୍ଗର ଉପଭୋକ୍ତା ଯଥା- ସାଧାରଣ ବ୍ୟବହାର, ବୃହତ୍ ଶିଳ୍ପ, ମିନି ଷ୍ଟିଲ ପ୍ଲାଣ୍ଟ, ଶକ୍ତି ସଘନ ଶିଳ୍ପ, ରେଳବାଇ ଇତ୍ୟାଦିଙ୍କ ଦ୍ୱାରା ଭରଣ ହୋଇପାରିବ। ରାଜ୍ୟ ସରକାର ସିଧାସଳଖ ଭାବେ ଏବଂ କେନ୍ଦ୍ର ସରକାର ଭାଗିଦାରୀ ମାଧ୍ୟମରେ ରାଜ୍ୟରେ ବିଦ୍ୟୁତ  ସଞ୍ଚାରଣ ଓ ବିତରଣ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ନିମ୍ନ ଯୋଜନାରେ ପୁଞ୍ଜି ନିବେଶ କରିଛନ୍ତି, ଯାହା ସାରା ରାଜ୍ୟର ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ହିତକାରୀ ସାବ୍ୟସ୍ତ ହୋଇଛି।

କାର୍ଯ୍ୟକାରୀ ହୋଇସାରିଥିବା/କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପର ବିବରଣୀ ନିମ୍ନରେ ଦିଆଗଲା :

**୧.କ୍ୟାପେକ୍ସ ( କ୍ୟାପିଟାଲ ଏକ୍ସପେଣ୍ଡିଚର୍) :**

କ୍ୟାପେକ୍ସ ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି,  ବିତରଣ ନେଟୱର୍କ ବ୍ୟବସ୍ଥାରେ ଉନ୍ନତି, ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ଓ କ୍ଷତି ପରିମାଣରେ ହ୍ରାସ କରିବା। ଟିପିଏସ୍ଓଡିଏଲ୍(ତତ୍କାଳୀନ ସାଉଥକୋ ୟୁଟିଲିଟି) ଏହାର ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି ଅଟେ ।

ଏହି ଯୋଜନା ବନ୍ଦ ହୋଇଯାଇଛି ।

**୨. ଡିଇଏସ୍ଆଇ (ଉନ୍ନତ ଶକ୍ତି ବ୍ୟବସ୍ଥା ପାଇଁ ବିକାଶମୁଖୀ କାର୍ଯ୍ୟକ୍ରମ ) :**

ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନାରେ ସାମିଲ ହୋଇଥିବା ନୂତନ ଉପଭୋକ୍ତାଙ୍କ ଶକ୍ତି ବ୍ୟବହାର ମାତ୍ରା ଅନୁଯାୟୀ ହେଉଥିବା ଲୋଡ ବୃଦ୍ଧିକୁ ଧ୍ୟାନରେ ରଖି ଭିତ୍ତିଭୂମି ପ୍ରସ୍ତୁତ କରିବା । ସେହିଭଳି ଯୋଜନା ଅଧୀନରେ ଟ୍ରାନ୍ସଫର୍ମର ଓ ବିଦ୍ୟୁତ ତାର ଆଦିର ଉନ୍ନତିକରଣ ସହ ଅତିରିକ୍ତ ତାର ଓ ଟ୍ରାନ୍ସଫର୍ମର ସଂଯୋଗ କରି ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା ଅନ୍ତର୍ଗତ ଅଞ୍ଚଳରେ ବିତରଣ ବ୍ୟବସ୍ଥାରେ ସୁଧାର ଅଣାଯାଉଛି । ଟିପିଏସ୍ଓଡିଏଲ୍/ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ଏହି  ପ୍ରକଳ୍ପର  କାର୍ଯ୍ୟକାରୀ ଏଜେନ୍ସି ଭାବେ କାର୍ଯ୍ୟରତ ।

ଏହି ଯୋଜନା ବନ୍ଦ ହୋଇଯାଇଛି ।

**୩. ଆରଏଲଟିଏପି (ସଂଶୋଧିତ ଦୀର୍ଘ ମିଆଦି ଆକ୍ସନ ପ୍ଲାନ) :**

ଏହା ହେଉଛି କେବିକେ ( କଳାହାଣ୍ଡି, ବଲାଙ୍ଗୀର, କୋରାପୁଟ) ଜିଲ୍ଲାର ଦୁର୍ଗମ ପାର୍ବତ୍ୟ ଅଞ୍ଚଳ, ଆଦିବାସୀ ଇଲାକା ଯେଉଁଠି ୩୩/୧୧ କେଭି ସବ ଷ୍ଟେସନ ନାହିଁ ଓ ଲୋଡ୍ ଡିମାଣ୍ଡ କମ ଅଛି, ସେସବୁ ଜାଗାରେ ୩୩/୧୧ କେଭି ସବ ଷ୍ଟେସନ ସ୍ଥାପନ କରିବା ପାଇଁ ଏକ ସ୍ୱତନ୍ତ୍ର ଯୋଜନା। ଏହି ପ୍ରକଳ୍ପ ଅଧୀନରେ ଗ୍ରାମାଞ୍ଚଳ ଓ ଆଦିବାସୀ ଇଲାକାରେ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ନିମନ୍ତେ ଉପଲବ୍ଧ ୩୩/୧୧ କେଭି ଟ୍ରାନ୍ସଫର୍ମର, ଫିଡର କଣ୍ଡକ୍ଟରଗୁଡିକର ମଧ୍ୟ ଉନ୍ନତିକରଣ ହେଉଛି । ସେହିଭଳି ବୃହତ୍ ଜଳଭଣ୍ଡାର କାରଣରୁ ସୃଷ୍ଟି ହୋଇଥିବା ବିଚ୍ଛିନ୍ନାଞ୍ଚଳରେ ଇଏଚଟି ଟାୱାର (

୨୨୦ କିମ୍ବା ୧୩୨ କେଭି ) ୩୩ କିମ୍ବା ୧୧ କେଭି ମାଧ୍ୟମରେ ବିଦ୍ୟୁତ ଯୋଗାଣ କରାଯିବାକୁ ଯୋଜନା ରହିଛି । ଟିପିଏସ୍ଓଡିଏଲ୍/ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ଏହାର ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି ଭାବେ କାର୍ଯ୍ୟ କରୁଛନ୍ତି ।

ଏହି ଯୋଜନା ବନ୍ଦ ହୋଇଯାଇଛି ।

**୪. ଡିଏଚଏଚ (ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ) :**

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ସକାଶେ ବିତରଣ ବ୍ୟବସ୍ଥାକୁ ଉନ୍ନତ କରିବା ଲକ୍ଷ୍ୟରେ ଏହି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକ୍ଷମ ରହିଛି । ୩୩/୧୧ କେଭି ସବ୍ ଷ୍ଟେସନରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଏଁ ସ୍ୱତନ୍ତ୍ର ୩୩ କେଭି କିମ୍ବା ୧୧ କେଭି ଲାଇନ ନିର୍ମାଣ ଏବଂ ନୂତନ ୩୩/୦.୪ କେଭି କିମ୍ବା ୧୧ କେଭି ସବ୍ ଷ୍ଟେସନ ସ୍ଥାପନ କରିବା ଏହି ପ୍ରକଳ୍ପ ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମ ଅଟେ।

**୫. ଆରଜିଜିଭିୱାଇ (ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା) :**

ସମସ୍ତ ଗ୍ରାମୀଣ ଘରଗୁଡିକୁ(ଜନସଂଖ୍ୟା ୧୦୦ରୁ ଉର୍ଦ୍ଧ୍ବ ) ବିଦ୍ୟୁତ ସୁବିଧା ଯୋଗାଇବା ସହ କୁଟୀର ଜ୍ୟୋତି ଯୋଜନା ନିୟମାବଳୀ ଅନୁଯାୟୀ ଗ୍ରାମାଞ୍ଚଳରେ ଥିବା ସମସ୍ତ ବିପିଏଲ୍ ଘରଗୁଡିକର ବିଦ୍ୟୁତ ସଂଯୋଗ କରିବା ଲକ୍ଷ୍ୟରେ ଏହି ଯୋଜନାକୁ କାର୍ଯ୍ୟକ୍ଷମ କରାଯାଇଛି । ବିଦ୍ୟୁତ ଆବଶ୍ୟକତା ଆଧାରରେ ସର୍ବସାଧାରଣଙ୍କୁ ବିଦ୍ୟୁତ ଯୋଗାଣ ସମେତ ଏହି ପ୍ରକଳ୍ପ ଅଧୀନରେ ବିଦ୍ୟୁତ ସୁବିଧା ନଥିବା ସ୍କୁଲ, ପଞ୍ଚାୟତ ଅଫିସ, ଗୋଷ୍ଠୀ /ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର/ ଔଷଧାଳୟ ଇତ୍ୟାଦିରେ ବିଦ୍ୟୁତ ସଂଯୋଗ କରାଯିବ। ଯେଉଁ ଅଞ୍ଚଳରେ ପର୍ଯ୍ୟାପ୍ତ କ୍ଷମତା ସମ୍ପର୍ଣ୍ଣ ୩୩/୧୧ କେଭି ସବ୍ ଷ୍ଟେସନ ଓ ଲାଇନ ନାହିଁ, ସେସବୁ ସ୍ଥାନରେ ଏହାର ବ୍ୟବସ୍ଥା କରିବା ପାଇଁ ଏହି ପ୍ରକଳ୍ପରେ ପ୍ରାବଧାନ ରହିଛି। ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ନଥିବା ପ୍ରତ୍ୟେକ ଗ୍ରାମରେ ଅତି କମରେ ଗୋଟିଏ ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ସ୍ଥାପନ କରିବା ପାଇଁ ପ୍ରକଳ୍ପରେ ବ୍ୟବସ୍ଥା ରହିଛି। ରାଜିନାମା ଅନୁସାରେ ବିତରଣ କମ୍ପାନୀ ବିଭିନ୍ନ ଫ୍ରାଞ୍ଚାଇଜି ଯଥା ଏନଜିଓ, ୟୁଜର୍ସ ଆସୋସିଏସନ, ସମବାୟ ସଂସ୍ଥା, ବ୍ୟକ୍ତିଗତ ଉଦ୍ୟୋଗ ଓ ପଞ୍ଚାୟତସ୍ତରୀୟ ସଂସ୍ଥା ମାଧ୍ୟମରେ ଗ୍ରାମାଞ୍ଚଳ ବିତରଣ ବ୍ୟବସ୍ଥାର ପରିଚାଳନା ସୁନିଶ୍ଚିତ କରିବେ। ଏନଟିପିସି,ଏନ୍ଏଚପିସି ଓ ପିଜିସିଆଇଏଲ୍ ଏହାର ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି ଭାବେ ଦାୟିତ୍ୱ ନେଇଛନ୍ତି ।

ଏହି ଯୋଜନା ବନ୍ଦ ହୋଇଯାଇଛି ।

**୬. ବିଜିଜେୱାଇ (ବିଜୁ ଗ୍ରାମ ଜ୍ୟୋତି ଯୋଜନା) :**

ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନାରେ ସାମିଲ ନଥିବା ଗାଁ ଓ ପଡ଼ା ଗ୍ରାମର ବିଦ୍ୟୁତିକରଣ ନେଇ ବିଜୁ ଗ୍ରାମ ଜ୍ୟୋତି ଯୋଜନା ଉଦ୍ଦିଷ୍ଟ ଅଟେ । ୧୦୦ରୁ କମ ଲୋକସଂଖ୍ୟା ବିଶିଷ୍ଟ ସମସ୍ତ ଗ୍ରାମ ତଥା ପଡ଼ା ଗ୍ରାମକୁ ବିଜୁ ଗ୍ରାମ ଜ୍ୟୋତି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ଏହାର ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି ଥିଲା । ୨୦୨୧-୨୨ରୁ ଟିପିଏସ୍ଓଡିଏଲ୍ ଏହାର ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି ଭାବେ ଦାୟିତ୍ୱ ସମ୍ପାଦନ କରୁଛି ।

**୭. ବିଏସଭିୱାଇ (ବିଜୁ ସହରାଞ୍ଚଳ ବିଦ୍ୟୁତିକରଣ ଯୋଜନା) :**

ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି କୁଟୀର ଜ୍ୟୋତି ଯୋଜନା ଭଳି ବିପିଏଲ୍ ପରିବାରକୁ ଘର ପିଛା ୩୦୦୦ ଟଙ୍କାରୁ କମ ମୂଲ୍ୟରେ ବିଦ୍ୟୁତ ଯୋଗାଇବା। ଏହା ରାଜ୍ୟ ସରକାରଙ୍କର ଏକ ଯୋଜନା। ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ଏହାର ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି ଭାବେ କାର୍ଯ୍ୟରତ ।

**୮. ହାତୀ କରିଡରରେ ସୁଦୃଢ ଭିତ୍ତିଭୂମି :**

ଏହାର ଉଦ୍ଦେଶ୍ୟ ହେଉଛି ହାତୀଙ୍କ ବିଦ୍ୟୁତ ସଂସ୍ପର୍ଶଜନିତ ଆଘାତକୁ ଏଡାଇବା ପାଇଁ ବିତରଣ କମ୍ପାନୀର ଭିତ୍ତିଭୂମିକୁ ସୁଦୃଢ କରିବା ଏବଂ ହାତୀ କରିଡର ଉପରେ ଧ୍ୟାନ ଦେବା। ଟିପିଏସ୍ଓଡିଏଲ୍ ଏହାର ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି ଅଟେ ।

**୯. ଓଡିଶା ବିତରଣ ବ୍ୟବସ୍ଥା ସୁଦୃଢୀକରଣ ପ୍ରକଳ୍ପ ( ଓଡିଏସଏସପି- ୧, ୨, ୩ ) :**

ଓଡିଶା ବିତରଣ ବ୍ୟବସ୍ଥା ସୁଦୃଢୀକରଣ ପ୍ରକଳ୍ପ ପୂର୍ବରୁ ବିଦ୍ୟୁତିକରଣ କାର୍ଯ୍ୟରେ ଭିତ୍ତିଭୂମି ବିକାଶ ଓ ସାମର୍ଥ୍ୟ ନିର୍ମାଣ ଏବଂ ରୋଡ୍ ମ୍ୟାପ୍ ପ୍ରସ୍ତୁତି ନାମରେ ପରିଚିତ ଥିଲା। ବିତରଣ ବ୍ୟବସ୍ଥାର ସୁଦୃଢୀକରଣ, ସଞ୍ଚାରଣ ଓ ବିତରଣ କ୍ଷତି ଏବଂ ଏଟି ଆଣ୍ଡ ସି କ୍ଷତି କମାଇବା, ୩୩/୧୧ କେଭି ସବ୍ ଷ୍ଟେସନ ନିର୍ମାଣ ଓ ୩୩/୧୧ କେଭି ଲାଇନ ନିୟନ୍ତ୍ରଣ କରି ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ପାଇଁ ଏହି ପ୍ରକଳ୍ପ ଆରମ୍ଭ କରାଯାଇଥିଲା।

. ବିତରଣ କମ୍ପାନୀଗୁଡିକର ଦୁର୍ବଳ ଆର୍ଥିକ ସ୍ଥିତି କାରଣରୁ ଓଡିଶା ସରକାର ଏହି ପ୍ରକଳ୍ପରେ ଅର୍ଥ ମଞ୍ଜୁର କରିବା ପାଇଁ ନିଷ୍ପତ୍ତି ନେଇଥିଲେ ।

. ଏହି ପ୍ରକଳ୍ପରେ ଟିପିଏସ୍ଓଡିଏଲ୍ ଅଧୀନରେ ଥିବା ୮ଟି ଜିଲ୍ଲାରେ ଅତିରିକ୍ତ ୯୭ଟି ୩୩/୧୧ କେଭି ପ୍ରାଇମେରି ସବ୍ ଷ୍ଟେସନ ସ୍ଥାପନ କରାଯିବ ।

ଓପିଟିସିଏଲ୍ ଏହାର କାର୍ଯ୍ୟକାରୀ ଏଜେନ୍ସି ଭାବେ ଦାୟିତ୍ୱ ସମ୍ପାଦନ କରୁଛି ।

**୧୦. ଦୀନଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା (ଡିଡିୟୁଜିଜେୱାଇ) :**

ଗ୍ରାମାଞ୍ଚଳ ପାଇଁ ଭାରତ ସରକାର ଦୀନଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା ଆରମ୍ଭ କରିଛନ୍ତି। ଏହାର ପ୍ରକଳ୍ପ ଖର୍ଚ୍ଚ ୧୦୦୩.୯୨ କୋଟି ଟଙ୍କା ଏବଂ ପ୍ରକଳ୍ପ କାମ ଶେଷ ଅବଧି ୨୦୧୯ ମସିହା ରହିଥିଲା । ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନାକୁ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନାରେ ମିଶ୍ରଣ କରି ଦ୍ୱାଦଶ ଓ ତ୍ରୟୋଦଶ ପ୍ଲାନରେ ଧାର୍ଯ୍ୟ ଲକ୍ଷ୍ୟଗୁଡିକୁ ପୂରଣ କରିବା ପାଇଁ ତା-୦୧.୦୮.୨୦୧୩ରେ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି ଦ୍ୱାରା ଗୃହୀତ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା-୧୨ ପ୍ରକଳ୍ପରେ ଏହି ପ୍ରୋଗ୍ରାମ ସାମିଲ ଅଛି। ଏହାଛଡା ବଳକା ଥିବା ଅଣବିଦ୍ୟୁତିକରଣ ଗ୍ରାମ ଓ ପଡାଗ୍ରାମ କାର୍ଯ୍ୟ ପ୍ରସ୍ତାବିତ ହେବ। ଅର୍ଥାତ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା-୧୨ ପ୍ରକଳ୍ପକୁ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନାର ବ୍ୟାପକ ପରିସରରେ ଅନ୍ତର୍ଭୁକ୍ତ କରିଦିଆଯାଇଛି।

ନିମ୍ନଲିଖିତ ଅଂଶ :

. କୃଷି ଓ ଅଣ-କୃଷି ଫିଡର ପୃଥକୀକରଣ ମାଧ୍ୟମରେ ଗ୍ରାମାଞ୍ଚଳର କୃଷି ଓ ଅଣ-କୃଷି ଉପଭୋକ୍ତାଙ୍କୁ ଉଚିତ୍ ବିଦ୍ୟୁତ ଯୋଗାଣ

. ଗ୍ରାମାଞ୍ଚଳରେ ସବ୍ ଟ୍ରାନ୍ସମିସନ ଓ ବିତରଣ ଭିତ୍ତିଭୂମିକୁ ସୁଦୃଢୀକରଣ ଓ ବ୍ୟାପକ କରିବା ସହ ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର, ଫିଡର୍ସ ଏବଂ ଉପଭୋକ୍ତାଙ୍କ ପକ୍ଷରେ ମିଟରିଂକୁ ଗୁରୁତ୍ୱ ଦେବା।

ପିଜିସିଆଇଏଲ୍/ଏନଟିପିସି/ଏନ୍ଏଚପିସି ଏହାର ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି ।

ଏହି ଯୋଜନା ବନ୍ଦ ହୋଇଯାଇଛି ।

**୧୧. ଡିଡିଜି ଯୋଜନା (ବିକେନ୍ଦ୍ରୀତ ବିତରଣ ଉତ୍ପାଦନ) :**

ଏହି ଯୋଜନା ଅଧୀନରେ ପାରମ୍ପରିକ ପଦ୍ଧତିରେ ବିଦ୍ୟୁତିକରଣ ହୋଇନଥିବା ଗାଁ ଗୁଡିକର ସୌର ଶକ୍ତି ମାଧ୍ୟମରେ ବିଦ୍ୟୁତିକରଣ କରାଯାଉଛି । ଓରେଡା ଏହି ଗ୍ରାମାଞ୍ଚଳ ବିଦ୍ୟୁତିକରଣର କାର୍ଯ୍ୟକାରୀ ଏଜେନ୍ସି ଅଟେ ।

ଏହି ଯୋଜନା ବନ୍ଦ ହୋଇଯାଇଛି ।

**୧୨. ସମନ୍ୱିତ ଶକ୍ତି ବିକାଶ ଯୋଜନା (ଆଇପିଡିଏସ) :**

ଭାରତ ସରକାର ସହରାଞ୍ଚଳ ପାଇଁ ସମନ୍ୱିତ ଶକ୍ତି ବିକାଶ ଯୋଜନା ଆରମ୍ଭ କରିଛନ୍ତି।

ନିମ୍ନଲିଖିତ ଅଂଶ:

. ସହରାଞ୍ଚଳରେ ସବ୍ ଟ୍ରାନ୍ସମିସନ ଓ ବିତରଣ ଭିତ୍ତିଭୂମି ସୁଦୃଢୀକରଣ

. ସହରାଞ୍ଚଳର ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର/ଫିଡର୍ସ/ଉପଭୋକ୍ତାଙ୍କ ମିଟରିଂ

. ଛାତ ଉପର ସୌର ପ୍ରକଳ୍ପ, ସୋଲାର ପ୍ୟାନେଲ ଓ ସ୍ମାର୍ଟ ମିଟର ସ୍ଥାପନ ଏକ ବାଧ୍ୟତାମୂଳକ ଅଂଶ

ଆରଏପିଡିଆରପି ଯୋଜନା ନିୟମ ଅନୁସାରେ ବିତରଣ କ୍ଷେତ୍ରରେ ସୂଚନା ପ୍ରଯୁକ୍ତିବିଦ୍ୟାର ଉପଯୋଗ ଓ ବିତରଣ ନେଟୱର୍କର ସୁଦୃଢୀକରଣକୁ ଚାଲୁ ରଖିବା ସହ ଏହାକୁ ସମନ୍ୱିତ ଶକ୍ତି ବିକାଶ ଯୋଜନାରେ ସାମିଲ କରାଯାଇଛି। ଓପିଟିସିଏଲ୍ ଏହାର ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି ଅଟେ ।

ଏହି ଯୋଜନା ବନ୍ଦ ହୋଇଯାଇଛି ।

**୧୩. ଓଡିଶା ସମର୍ପିତ କୃଷି ଓ ମତ୍ସ୍ୟ ଫିଡର ପ୍ରକଳ୍ପ (ଓଡିଏଏଫଏଫପି) :**

ବ୍ଲାକ୍ ୱାଟର କୃଷି ପାଇଁ ଏହି ସ୍କିମ ଅଧୀନରେ ସମର୍ପିତ ହାଇ ଟେନସନ୍ ଫିଡର ସହ ଡିଷ୍ଟ୍ରିବ୍ୟୁସନ ସବ୍ ଷ୍ଟେସନ ନିର୍ମାଣ କରାଯାଇଛି। ଓପିଟିସିଏଲ୍ ଏହାର ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି ଭାବେ କାର୍ଯ୍ୟରତ ।

**୧୪. ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ପରିସରରୁ ଲାଇନ ଓ ସବ୍ ଷ୍ଟେସନ ଅପସାରଣ :**

ଓଡିଶା ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି, ଯେଉଁଥିରେ ସ୍କୁଲ ଓ ଅଙ୍ଗନବାଡି ପରିସରରୁ ଲାଇନ ଓ ସବ୍ ଷ୍ଟେସନ ଅପସାରଣ କରାଯାଇ ବାହାରକୁ ଅଣାଯାଇଛି। ଟିପିଏସ୍ଓଡିଏଲ୍ ଏହାର ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି ଅଟେ ।

**୧୫. ସାମାଜିକ-ଅର୍ଥନୈତିକ ରୂପାନ୍ତରଣ ଏବଂ ଉନ୍ନତିକରଣ ଯୋଜନା (ଏସଇଟିୟୁ) :**

ଏହି ଯୋଜନାରେ ଓଡିଶାର ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳରେ ଥିବା ଘରଗୁଡିକର ବିଦ୍ୟୁତିକରଣ ଏବଂ ଭିତ୍ତିଭୂମି ବିକାଶ କରାଯାଉଛି। ଟିପିଏସ୍ଓଡିଏଲ୍ ଏହାର ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି ଅଟେ ।

**୧୬. ସୌଭାଗ୍ୟ ଯୋଜନା :**

ଶତ ପ୍ରତିଶତ ଗ୍ରାମାଞ୍ଚଳ ବିଦ୍ୟୁତିକରଣ ଦିଗରେ ଅଗ୍ରସର ହେବା ସହ ଏହି ଯୋଜନାରେ ଦେଶର ବିଦ୍ୟୁତିକରଣ ହୋଇ ନଥିବା ସମସ୍ତ ଘରଗୁଡିକର ବିଦ୍ୟୁତିକରଣ ଉପରେ ଗୁରୁତ୍ୱ ଦିଆଯାଉଛି । ଟିପିଏସ୍ଓଡିଏଲ୍ ଏହାର ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି ଅଟେ ।

ଏହି ଯୋଜନା ବନ୍ଦ ହୋଇଯାଇଛି ।

**୧୭. ଓଡିଶା ବିତରଣ ବ୍ୟବସ୍ଥା ସୁଦୃଢୀକରଣ ପ୍ରକଳ୍ପ ଫେଜ୍-୪ :**

. ବିତରଣ ବ୍ୟବସ୍ଥାର ସୁଦୃଢୀକରଣ, ସଞ୍ଚାରଣ ଓ ବିତରଣ କ୍ଷତି ଏବଂ ଏଟି ଆଣ୍ଡ ସି କ୍ଷତି କମାଇବା ସହ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ଯୋଗାଇବା ସକାଶେ ୩୩/୧୧ କେଭି ସବ୍ ଷ୍ଟେସନ ନିର୍ମାଣ କରିବା ପାଇଁ ଓଡିଶା ବିତରଣ ବ୍ୟବସ୍ଥା ସୁଦୃଢୀକରଣ ପ୍ରକଳ୍ପ ଫେଜ୍-୧,୨,୩ ଆରମ୍ଭ କରାଯାଇଥିଲା।

. ଏହି ପ୍ରକଳ୍ପରେ ଟିପିଏସ୍ଓଡିଏଲ୍ ଅଧୀନରେ ଥିବା ୮ଟି ଜିଲ୍ଲାରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ନିମନ୍ତେ ଅତିରିକ୍ତ ୨୫ଟି ୩୩/୧୧ କେଭି ପ୍ରାଇମେରି ସବ୍ ଷ୍ଟେସନ ସ୍ଥାପନ ସହ ୧୭ଟି ସ୍ୱତନ୍ତ୍ର ୩୩ କେଭି ଲାଇନ ନିର୍ମାଣ କରାଯିବ।

. ପ୍ରକଳ୍ପ ଖର୍ଚ୍ଚ ୪୬୮.୯୧ କୋଟି ହୋଇଥିବା ବେଳେ ଟିପିଏସ୍ଓଡିଏଲ୍ ଏହାର ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି ଅଟେ ।

**୧୮. କ୍ୟାପିଟାଲ ଏକ୍ସପେଣ୍ଡିଚର୍ ପାଇଁ ରାଜ୍ୟଗୁଡିକୁ ସ୍ୱତନ୍ତ୍ର ସହାୟତା (ଏସଏସିଆଇ) :**

. ଟିପିଏସ୍ଓଡିଏଲ୍ ଅଧୀନରେ ଥିବା ଗଜପତି, କନ୍ଧମାଳ, ରାୟଗଡା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ବିତରଣ ବ୍ୟବସ୍ଥା ଉନ୍ନତ କରିବା ସହ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ଏବଂ କ୍ଷତି କମାଇବା ଉଦ୍ଦେଶ୍ୟରେ ଏହି ଯୋଜନା କାର୍ଯ୍ୟକ୍ଷମ ହୋଇଛି । ଏହାର ପ୍ରକଳ୍ପ ଖର୍ଚ୍ଚ ହେଉଛି ୨୦୦ କୋଟି ଟଙ୍କା ଏବଂ ଟିପିଏସ୍ଓଡିଏଲ୍ ଏହାର ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି ଅଟେ ।

**୧୯. ଆଇଇସି କାର୍ଯ୍ୟକଳାପ :**

ଏହି ଯୋଜନା ଅଧୀନରେ ବିଦ୍ୟୁତ ସୁରକ୍ଷା ଓ ଶକ୍ତି ସଂରକ୍ଷଣ ସମ୍ପର୍କରେ ସାମାଜିକ ବାର୍ତ୍ତା ଦେଇ ଜନ ସଚେତନତା ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରାଯାଉଛି । ଟିପିଏସ୍ଓଡିଏଲ୍ ଏହାର ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି ଅଟେ ।

**୨୦. ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ପ୍ରକଳ୍ପ (ସିଏମପିଡିପି/ଓଡିଏସଏସପି- ୫) :**

. ବିତରଣ ବ୍ୟବସ୍ଥାର ସୁଦୃଢୀକରଣ, ସଞ୍ଚାରଣ ଓ ବିତରଣ କ୍ଷତି ଏବଂ ଏଟି ଆଣ୍ଡ ସି କ୍ଷତି କମାଇବା ସହ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ଯୋଗାଇବା ସକାଶେ ୩୩/୧୧ କେଭି ସବ୍ ଷ୍ଟେସନ ନିର୍ମାଣ କରିବା ପାଇଁ ଓଡିଶା ବିତରଣ ବ୍ୟବସ୍ଥା ସୁଦୃଢୀକରଣ ପ୍ରକଳ୍ପ ଫେଜ୍-୧,୨,୩ ଓ ୪ ଆରମ୍ଭ କରାଯାଇଥିଲା।

. ଏହି କ୍ରମରେ ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ଉନ୍ନତିକରଣ, ପୁରୁଣା କ୍ଷତିଗ୍ରସ୍ତ କଣ୍ଡକ୍ଟରଗୁଡ଼ିକର ପୁନଃସ୍ଥାପନ, ଉପଲବ୍ଧ ୩୩ କେଭି ଓ ୧୧ କେଭି ଲାଇନର ସୁଦୃଢୀକରଣ, ନୂତନ ୩୩ କେଭି ଓ ୧୧ କେଭି ଲାଇନ ନିର୍ମାଣ, ସିଙ୍ଗଲ ଫେଜ୍ ଲୋ ଟେନସନ୍ ନେଟୱର୍କକୁ ଥ୍ରୀ ଫେଜକୁ ପରିବର୍ତ୍ତନ ,ଲାଇନ ଭୋଲଟେଜ୍ ନିୟନ୍ତ୍ରକ ଟ୍ରାନ୍ସଫର୍ମର ସ୍ଥାପନ ସହ ଆବଶ୍ୟକ ସ୍ଥଳେ ନୂତନ ପିଏସ୍ଏସ୍ ତିଆରି କରିବା ପାଇଁ ଓଡିଶା ବିତରଣ ବ୍ୟବସ୍ଥା ସୁଦୃଢୀକରଣ ପ୍ରକଳ୍ପ ଫେଜ୍-୫ ପ୍ରଣୟନ କରାଯାଇଛି।

. ପ୍ରକଳ୍ପ ଖର୍ଚ୍ଚ ୩୨୬.୪୮ କୋଟି ଟଙ୍କା ହୋଇଥିବା ବେଳେ ଟିପିଏସ୍ଓଡିଏଲ୍ ଏହାର ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି।

**୨୧. ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏସଡିଏମ୍ଏଫ୍) :**

. ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ବାତ୍ୟା(ଷ୍ଟ୍ରକ୍ଚରାଲ ଆକ୍ଟିଭିଟିଜ),ବନ୍ୟା(ଷ୍ଟ୍ରକ୍ଚରାଲ ଆକ୍ଟିଭିଟିଜ) ଓ ନନ୍ ଷ୍ଟ୍ରକ୍ଚରାଲ ଆକ୍ଟିଭିଟିଜ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଏସଡିଏମ୍ଏଫ୍ ପାଣ୍ଠିରୁ ବିପର୍ଯ୍ୟୟ ପରିଚାଳନା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି।

. ପ୍ରକଳ୍ପ ଖର୍ଚ୍ଚ ୪୬.୧୭୧ କୋଟି ଟଙ୍କା ଓ ଟିପିଏସ୍ଓଡିଏଲ୍ ଏହାର ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଅଟେ ।

୨୨. ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା (ପିଏମ - ଏଜେଏୱାଇ):

ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା (ପିଏମ - ଏଜେଏୱାଇ) ହେଉଛି ଏକ ସରକାରୀ ପଦକ୍ଷେପ, ଯାହା ମାଧ୍ୟମରେ ଭାରତର ଅନୁସୂଚିତ ଜାତି ଲୋକଙ୍କ ବିକାଶ ପାଇଁ ଲକ୍ଷ୍ୟ ରହିଛି। ୨୦୨୧-୨୨ ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ତିନୋଟି ଯୋଜନାର ମିଶ୍ରଣ ହୋଇ ଅନୁସୂଚିତ ଜାତି ବହୁଳ ଗ୍ରାମରେ ରୋଜଗାର, ଶିକ୍ଷା ଏବଂ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରାୟ ୬ ଲକ୍ଷ ହିତାଧିକାରୀ ଏଥିରେ ଉପକୃତ ହେବେ। ଜୀବିକା ପ୍ରକଳ୍ପ ମାଧ୍ୟମରେ ଆୟ ବୃଦ୍ଧି, ସାମାଜିକ - ଆର୍ଥିକ ବିକାଶ ଏବଂ ଅନୁସୂଚିତ ଜାତି ବର୍ଗରେ ସାକ୍ଷରତା ହାର ବୃଦ୍ଧି ପାଇଁ ଏହି ଯୋଜନାରେ ଲକ୍ଷ୍ୟ ରହିଛି। ଏହି ଯୋଜନା ମାଧ୍ୟମରେ ବିଜୁଳି ସୁବିଧା ପାଇନଥିବା ଅନୁସୂଚିତ ଜାତି ଗୋଷ୍ଠୀଙ୍କୁ ବିଦ୍ୟୁତ ସଂଯୋଗ ଦିଆଯିବ।

୨୩. ପ୍ରଧାନମନ୍ତ୍ରୀ ଜନଜାତିୟ ଉନ୍ନତ ଗ୍ରାମ ଅଭିଯାନ (ପିଏମଜେୟୁଜିଏ):

ପ୍ରଧାନମନ୍ତ୍ରୀ ଜନଜାତିୟ ଉନ୍ନତ ଗ୍ରାମ ଅଭିଯାନ (ପିଏମଜେୟୁଜିଏ)ରେ ଆଦିବାସୀ ଇଲାକା ଏବଂ ଜନଜାତି ଗୋଷ୍ଠୀରେ ସର୍ବାଙ୍ଗୀନ ବିକାଶ ପାଇଁ ଲକ୍ଷ୍ୟ ରହିଛି। ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ରୋଜଗାର ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ମିଳିତ ପ୍ରୟାସ ଏବଂ ଭାରତ ସରକାରଙ୍କ ବିଭିନ୍ନ ଯୋଜନାର ମିଶ୍ରଣ ଦ୍ୱାରା ଜନଜାତି ଗୋଷ୍ଠୀଙ୍କୁ ସଶକ୍ତ କରିବା ସହ ସେମାନଙ୍କ ସାମଗ୍ରିକ, ସମାବେଶୀ ଏବଂ ନିରନ୍ତର ବିକାଶ ସୁନିଶ୍ଚିତ ହେବ।

# ପ୍ରକରଣ-୧୩

ରିହାତି,ଅନୁମତି କିମ୍ବା ପ୍ରାଧିକରଣ ଦିଆଯାଇଥିବା ଗ୍ରହଣକାରୀଙ୍କ ବିବରଣୀ

(ସେକ୍ସନ-୪(୧) (ବି) (୧୩))

ଓଇଆରସିର ତାରିଫ ଅର୍ଡର ବ୍ୟତୀତ ଟିପିଏସ୍ଓଡିଏଲ୍ ତରଫରୁ କୌଣସି ରିହାତି, ଅନୁମତି କିମ୍ବା ପ୍ରାଧିକରଣ କୌଣସି ହିତାଧିକାରୀଙ୍କୁ ଦିଆଯାଇନାହିଁ।

# ପ୍ରକରଣ-୧୪

ବୈଦ୍ୟୁତିକ ମାଧ୍ୟମରେ ଉପଲବ୍ଧ ସୂଚନା

(ସେକ୍ସନ-୪(୧) (ବି) (୧୪) )

ନୂତନ ସଂଯୋଗ, ପେମେଣ୍ଟ ଅପସନ୍, ଗ୍ରାହକ ପୋର୍ଟାଲ, ଚୋରି ମାମଲା, ଟେଣ୍ଡର, ନ୍ୟୁଜ୍ ଓ କାର୍ଯ୍ୟକ୍ରମ ଇତ୍ୟାଦି ସମ୍ବନ୍ଧୀୟ ଅଧିକ ସୂଚନା ଜାଣିବା ପାଇଁ ଦୟାକରି ଆମ ୱେବସାଇଟ୍ www.tpsouthernodisha.com ଲଗ୍ ଇନ୍ କରନ୍ତୁ ।

# ପ୍ରକରଣ-୧୫

## ସୂଚନା ହାସଲ ନିମନ୍ତେ ନାଗରିକଙ୍କ ପାଇଁ ଉପଲବ୍ଧ ସୁବିଧା

(ସେକ୍ସନ-୪(୧) (ବି) (୧୫))

| କ୍ରମାଙ୍କ | ଉପଲବ୍ଧ ସୁବିଧା | ଉପଲବ୍ଧ ସୂଚନାର ପ୍ରକାର | କାର୍ଯ୍ୟ ସମୟ |
|---|---|---|---|
| ୧ | ସୂଚନା ଫଳକ | ଟେଣ୍ଡର/ କୋଟେଶନ କଲ୍, ନିଲାମ ବିକ୍ରି ସୂଚନା ଏବଂ ଏଜେନ୍ସି ମାଧ୍ୟମରେ କର୍ମଚାରୀ ନିଯୁକ୍ତି ପାଇଁ ବିଜ୍ଞାପନ | ପୂର୍ବାହ୍ନ ୧୦ ରୁ ଅପରାହ୍ନ ୫.୩୦ |
| ୨ | ଆରଟିଆଇ ଆବେଦନ (ଫର୍ମ - ଏ) / ଆଇଏସଟି ଅପିଲ (ଫର୍ମ - ଡି) | ଫର୍ମ | ପୂର୍ବାହ୍ନ ୧୦ ରୁ ଅପରାହ୍ନ ୫.୩୦ |
| ୩ | ଉପଲବ୍ଧ ଛପା ପ୍ରକରଣ | ହାର୍ଡ କପି | |
| ୪ | ପବ୍ଲିକ ଅଥରିଟିଙ୍କ ୱେବସାଇଟ | www.tpsouthernodisha.com | |
| ୫ | ଡକ୍ୟୁମେଣ୍ଟର ନକଲ ଜାରି କରିବା ପାଇଁ ବ୍ୟବସ୍ଥା | ଇମେଲ / ଭାରତୀୟ ଡାକ ସେବା ଦ୍ୱାରା | |

# ପ୍ରକରଣ-୧୬

ଲୋକ ସୂଚନା ଅଧିକାରୀ ଓ ପ୍ରଥମ ଅପିଲ ଅଧିକାରୀଙ୍କ ନାମ,ପଦବୀ ଓ ଅନ୍ୟାନ୍ୟ ବିବରଣୀ

(ସେକ୍ସନ-୪(୧) (ବି) (୧୬))

ଟିପିଏସ୍ଓଡିଏଲର ୨୭ ଜଣ ସରକାରୀ କର୍ତ୍ତୃପକ୍ଷ ଅଛନ୍ତି, ଯେଉଁଥିରେ ୨୭ ଜଣ ଲୋକ ସୂଚନା ଅଧିକାରୀ ଓ ୭ ଜଣ ପ୍ରଥମ ଅପିଲ ଅଧିକାରୀ ଭାବେ ନାମିତ ହୋଇଛନ୍ତି। ବିସ୍ତୃତ ବିବରଣୀ ନିମ୍ନରେ ଦିଆଗଲା –

| ଟିପିଏସଓଡିଏଲର ବିଭିନ୍ନ ଅଫିସରେ ପିଆଇଓ ଏବଂ ଏଫଏଏଙ୍କ ନାମ ଓ ଠିକଣା | | | | | |
|---|---|---|---|---|---|
| କ୍ରମାଙ୍କ | ଅଫିସ/ ୟୁନିଟର ନାମ | ପିଆଇଓଙ୍କ ନାମ | ପଦବୀ | ଫୋନ୍ ନଂ | ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନାମ ଓ ପଦବୀ |
| ୧ | ଇଲେକ୍ଟ୍ରିକାଲ ସର୍କଲ, ଆସିକା | ପଦ୍ମନାଭ ସ୍ୱାଇଁ | ଏଜିଏମ(ଏଫ) | ୯୪୩୭୫୭୦୧୯୫ | ଶ୍ରୀ ପ୍ରିୟଦର୍ଶୀ ବେହେରା, ଏସଇ, ଇଲେକ୍ଟ୍ରିକାଲ ସର୍କଲ, ଆସିକା ୯୪୩୭୯୫୯୯୪୯ |
| ୨ | ଏଇଡି -୧, ଆସିକା | ସଞ୍ଜୟ କୁମାର ନାୟକ | ଟିମ ଲିଡ, ଆର ଆଣ୍ଡ ବି-ଏଚଓଜି- କମର୍ସିଆଲ | ୭୮୯୪୪୧୪୨୫୬ | |
| ୩ | ଏଇଡି -୨, କବିସୂର୍ଯ୍ୟନଗର | ଗୋଲକ ବିହାରୀ ଦାସ | ଡେପୁଟି ମ୍ୟାନେଜର (ଏଫ) | ୯୪୩୭୯୫୯୯୦୭ | |
| ୪ | ଜିଏସଇଡି, ଦିଗପହଣ୍ଡି | ଜି.ଭି.ଏସ. ରାଜେନ୍ଦ୍ର | ଡେପୁଟି ମ୍ୟାନେଜର (ଏଫ) | ୯୪୩୭୫୭୦୧୮୯ | |
| ୫ | ସିଟି ସର୍କଲ, ବ୍ରହ୍ମପୁର | ଯତୀନ୍ଦ୍ର କୁମାର ସାହୁ | ଏଜିଏମ(ଏଫ) | ୯୪୩୭୯୫୯୬୪୪ | ଶ୍ରୀ ନୃସିଂହ ନାରାୟଣ ପଣ୍ଡା, ଏସଇ ସିଟି ସର୍କଲ, ବ୍ରହ୍ମପୁର ୯୧୨୪୫୫୭୨୯୨ |
| ୬ | ବିଇଡି ନଂ-୧, ବ୍ରହ୍ମପୁର | ଅଶ୍ୱିନୀ କୁମାର ପାତ୍ର | ମ୍ୟାନେଜର(ଏଫ) | ୯୪୩୭୯୫୯୮୦୬ | |
| ୭ | ବିଇଡି ନଂ-୨, ବ୍ରହ୍ମପୁର | ନିଶି କାନ୍ତ ମିଶ୍ର | ଡେପୁଟି ମ୍ୟାନେଜର (ଏଫ) | ୯୪୩୭୯୫୯୬୪୦ | |
| ୮ | ବିଇଡି ନଂ-୩, ବ୍ରହ୍ମପୁର | ସୁପ୍ରଭା ରଥ | ଡେପୁଟି ମ୍ୟାନେଜର (ଏଫ) | ୮୧୧୪୩୯୫୭୩୪ | |
| ୯ | ଇଲେକ୍ଟ୍ରିକାଲ ସର୍କଲ, ଭଞ୍ଜନଗର | ରବୀନ୍ଦ୍ର ନାଥ ପ୍ରଧାନ | ଡିଜିଏମ(ଏଫ) | ୯୪୩୭୯୫୯୬୦୨ | ଶ୍ରୀ ଅଭିଜିତ ପାଢ଼ୀ, ଏସଇ, ଇଲେକ୍ଟ୍ରିକାଲ ସର୍କଲ, ଭଞ୍ଜନଗର ୯୪୩୭୯୫୯୭୫୨ |
| ୧୦ | ବିଏନଇଡି, ଭଞ୍ଜନଗର | ବିଶ୍ବ ରଞ୍ଜନ ସେନାପତି | ଟିମ୍ ଲିଡ - ଆରସିଏମ୍ | ୯୯୩୭୦୪୧୮୪୬ | |
| ୧୧ | ପିଇଡି, ଫୁଲବାଣୀ | ଅନିରୁଦ୍ଧ ହାଜ୍ରା | ଏଚଓଜି- କମର୍ସିଆଲ | ୯୫୫୮୨୦୬୯୪୦ | |
| ୧୨ | ବିଓଇଡି, ବୌଦ୍ଧ | ନିତିନ ମେହେତା | ଏଚଓଜି- କମର୍ସିଆଲ | ୯୯୮୧୧୪୨୨୨୩ | |
| ୧୩ | ଇଲେକ୍ଟ୍ରିକାଲ ସର୍କଲ, ରାୟଗଡ଼ | ପ୍ରତାପ କେଶରୀ ମହାପାତ୍ର | ଏଜିଏମ(ଏଫ) | ୯୪୩୭୯୫୯୬୦୭ | ଶ୍ରୀ ନରୋତ୍ତମ ପଟନାୟକ, ଏସଇ ଇଲେକ୍ଟ୍ରିକାଲ ସର୍କଲ, ରାୟଗଡ଼ ୯୪୩୭୯୫୯୮୧୦ |
| ୧୪ | ଆରଇଡି, ରାୟଗଡ଼ | ଅମିତ କୁମାର ଶୁକ୍ଳା | ଟିମ୍ ଲିଡ - ଆରସିଏମ୍ | ୮୦୭୬୦୫୫୧୧୫ | |
| ୧୫ | ପିକେଇଡି, ପାରଳାଖେମୁଣ୍ଡି | ଶୁଭ୍ରାଂଶୁ ଶେଖର ମହାନ୍ତି | ଡେପୁଟି ମ୍ୟାନେଜର (ଏଫ) | ୯୪୩୭୯୫୯୯୭୧ | |
| ୧୬ | ଜିଇଡି,ଗୁଣପୁର | ନବୀନ କୁମାର ଚାଡୁଭଲା | ଏଚଓଜି- କମର୍ସିଆଲ | ୯୬୭୬୧୮୩୯୫୩ | |
| ୧୭ | ଇଲେକ୍ଟ୍ରିକାଲ ସର୍କଲ, ଜୟପୁର | ପ୍ରମୋଦ କୁମାର ପଣ୍ଡା | ଏଜିଏମ(ଏଫ) | ୯୪୩୭୫୭୦୨୦୫ | ଶ୍ରୀ ମନ୍ମଥ ନାଥ ମିଶ୍ର, ଏସଇ , ଇଲେକ୍ଟ୍ରିକାଲ ସର୍କଲ ଜୟପୁର ୯୪୩୭୯୫୯୮୪୯ |
| ୧୮ | ଜେଇଡି,ଜୟପୁର | ବେଦ ପ୍ରକାଶ ପ୍ରସାଦ | ଟିମ୍ ଲିଡ | ୯୫୯୫୨୩୦୦୨୨ | |
| ୧୯ | ଏମଇଡି, ମାଲକାନଗିରି | ଅନିମେଶ ବସକ | ଏଚଓଜି- କମର୍ସିଆଲ | ୯୦୫୧୦୩୦୦୦୬ | |
| ୨୦ | ଏନଇଡି, ନବରଙ୍ଗପୁର | ପ୍ରମୋଦ କୁମାର ବେହେରା | ଟିମ୍ ଲିଡ – ଆରସିଏମ୍ ଏଚଓଜି- କମର୍ସିଆଲ | ୭୮୯୪୯୫୯୫୦୩ | |
| ୨୧ | କେଇଡି, କୋରାପୁଟ | ସୁନୀଲ କୁମାର ରଥ | ସହକାରୀ ମ୍ୟାନେଜର (ଏଫ) | ୯୪୩୭୫୮୨୦୩୭ | |

| କ୍ରମାଙ୍କ | ଅଫିସ/ୟୁନିଟର ନାମ | ପିଆଇଓଙ୍କ ନାମ | ପଦବୀ | ଫୋନ୍ ନଂ | ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନାମ ଓ ପଦବୀ |
|---|---|---|---|---|---|
| ୨୨ | ଇଲେକ୍ଟ୍ରିକାଲ ସର୍କଲ, ବ୍ରହ୍ମପୁର | ସୁନନ୍ଦା ଦାଶ | ଏଜିଏମ (ଏଫ) | ୯୪୩୭୫୫୫୦୦୨ | ଶ୍ରୀ ଚନ୍ଦନ ଦାସ, ଏସଇ, ଇଲେକ୍ଟ୍ରିକାଲ ସର୍କଲ,ବ୍ରହ୍ମପୁର ୮୧୧୪୩୯୫୭୧୦ |
| ୨୩ | ଜିଏନଇଡି, ଛତ୍ରପୁର | ବିନୋଦ କୁମାର ବିସେନ | ଟିମ୍ ଲିଡ - ଆରସିଏମ୍ | ୯୯୭୭୭୦୧୩୩୧ | |
| ୨୪ | ପିଏସଇଡି, ପୁରୁଷୋତ୍ତମପୁର | ଅଭୟାନନ୍ଦ ପଣ୍ଡା | ଟିମ୍ ଲିଡ - କମର୍ସିଆଲ | ୯୩୩୭୬୬୬୫୫୫ | |
| ୨୫ | ଏଚଇଡି, ହିଞ୍ଜିଳିକାଟୁ | କିରଣ କୁମାର ନାଲା | ଡେପୁଟି ମ୍ୟାନେଜର (ଏଫ) | ୯୪୩୭୯୫୯୬୪୫ | |
| ୨୬ | ଇଲେକ୍ଟ୍ରିକାଲ ଷ୍ଟୋର ଡିଭିଜନ, ବ୍ରହ୍ମପୁର | ସରୋଜ କୁମାର ସାହୁ | ମ୍ୟାନେଜର (ଏଫ) | ୯୪୩୭୯୫୯୬୪୩ | |
| ୨୭ | କର୍ପୋରେଟ ଅଫିସ, ଟିପିଏସଓଡିଏଲ୍ | ରାଜୁ ପ୍ରସାଦ ପଟନାୟକ | ମ୍ୟାନେଜର (ଆଇନ ସମ୍ବନ୍ଧୀୟ) | ୯୪୩୭୪୮୦୦୪୧ | ଶ୍ରୀ ବିଜୟ ପ୍ରକାଶ ଶର୍ମା, ମୁଖ୍ୟ – ବ୍ୟାବସାୟିକ, କର୍ପୋରେଟ/ ରେଜିଷ୍ଟରଡ୍ ଅଫିସ, ଟିପିଏସଓଡିଏଲ୍, ବ୍ରହ୍ମପୁର ୯୮୧୮୧୦୦୫୭୪ |

# ପ୍ରକରଣ-୧୭

ଅନ୍ୟାନ୍ୟ ଜରୁରୀ ସୂଚନା

(ସେକ୍ସନ -୪(୧) (ବି) (୧୭))

ପ୍ରକ୍ରିୟା ଓ ଶୁଳ୍କ ଢାଞ୍ଚା : ସୂଚନା ପାଇବା ବାବଦରେ ଓଡ଼ିଶା ସରକାରଙ୍କ ଅନ୍ୟ ସବୁ ସଂସ୍ଥା ଭଳି ସମାନ ପ୍ରକ୍ରିୟା ଓ ଶୁଳ୍କ ଢାଞ୍ଚା ରହିଛି। ସୂଚନା ପ୍ରଦାନ ବାବଦକୁ ନିଆଯାଉଥିବା ଧାର୍ଯ୍ୟ ଶୁଳ୍କ :

୧. ଆବେଦନ ଶୁଳ୍କ : ଧାର୍ଯ୍ୟ ଶୁଳ୍କ ଓ ପୈଠ କରିବା ମାଧ୍ୟମ

- ଆବେଦନ ଶୁଳ୍କ ନଗଦ ୧୦ ଟଙ୍କା / ଟ୍ରେଜେରୀ ଚାଲାଣ ସହ ସୂଚନା ଆବେଦନ ଫର୍ମ-ଏ
- ପ୍ରଥମ ଅପିଲ ଫର୍ମ-ଡି ପାଇଁ କୋର୍ଟ ଫି ୨୦ ଟଙ୍କା

୨. ସମୟ ସମୟରେ ସଂଶୋଧିତ ଓଡ଼ିଶା ସୂଚନା ଅଧିକାର ଆଇନ, ୨୦୦୫ର ନିୟମ ୪ ଓ ୭ ଅନୁସାରେ ସୂଚନା ପ୍ରଦାନ ବାବଦକୁ ନିଆଯାଉଥିବା ଶୁଳ୍କ ପରିମାଣ ଧାର୍ଯ୍ୟ କରାଯାଏ।